# ଅସୁରଗଡ଼ରେ ୨ ହଜାର ବର୍ଷ ସଭ୍ୟତାର ସନ୍ଧାନ

**ବରଗଡ଼ ଅଫିସ୍/ବରପାଲି, ୧୨।୬**

ବରଗଡ଼ ଜିଲା ବରପାଲି ବ୍ଲକ ଅସୁରଗଡ଼ ଅଞ୍ଚଳରେ ୨ହଜାର ବର୍ଷ ତଳେ ମାନବ ସଭ୍ୟତା ଗଢ଼ି ଉଠିଥିଲା। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ମାଟି ଖନନ, ପ୍ରାଚୀନ ସାମଗ୍ରୀର ସନ୍ଧାନ ଏବଂ ଗବେଷଣା ପରେ ଏହା ଜଣାପଡ଼ିଛି। ସେଠାରୁ ପ୍ରାଚୀନ ଯୁଗରେ ବ୍ୟବହୃତ ମୁଦ୍ରା, ଅସ୍ତ୍ରଶସ୍ତ୍ର, ମାଟିପାତ୍ର, ଲୌହ ସାମଗ୍ରୀ ଆଦି ମିଳିଛି। ମିଳିଥିବା ସାମଗ୍ରୀରୁ ଉକ୍ତ ଅଞ୍ଚଳରେ ସେତେବେଳେ ସହରୀ ସଭ୍ୟତା ଗଢ଼ି ଉଠିଥିବା ଅନୁମାନ କରାଯାଉଛି। ତେବେ କିଭଳି ସ୍ଥିତିରେ ତାହା ନିଶ୍ଚିହ୍ନ ହୋଇଗଲା, ସେ ନେଇ ଅଧିକ ଅଧ୍ୟୟନ କରାଯିବ ବୋଲି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଡଃ ଉମାଚରଣ ପତି କହିଛନ୍ତି। ସେହିପରି ଖନନ କାର୍ଯ୍ୟର ନେତୃତ୍ୱ ନେଇଥିବା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୪ଟି ସ୍ତରରେ ମାଟି ଖନନ କରାଯାଇଛି ଏବଂ ସେଠାରୁ ଯାହା ମିଳିଛି, ସେତେବେଳେ ଉକ୍ତ ଅଞ୍ଚଳରେ ବାଣିଜ୍ୟିକ କାରବାର ଚାଲିଥିବା ଅନୁମାନ କରାଯାଉଛି। ପ୍ରାରମ୍ଭିକ ଭାବେ ସାମଗ୍ରୀ ଗୁଡ଼ିକ ୨ହଜାର ବର୍ଷ ତଳର ବୋଲି କୁହାଯାଉଛି। ସେଗୁଡ଼ିକୁ ଅଧିକ ପରୀକ୍ଷଣ କରାଯିବ ଏବଂ ଆହୁରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ସେ କହିଛନ୍ତି।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ପ୍ରଧାନ ଆହୁରି ସୂଚନା ଦେଇଛନ୍ତି, ୨ବର୍ଷ ତଳେ ସମ୍ପୃକ୍ତ ଅଞ୍ଚଳରେ ସର୍ବେକ୍ଷଣ କରାଯାଇଥିଲା। ପ୍ରାଚୀନ ସଭ୍ୟତା ନେଇ ସେତେବେଳେ କିଛି ତଥ୍ୟ ଦୃଷ୍ଟିକୁ ଆସିବା ପରେ ସେଠାରେ ମାଟି ଖନନ ଏବଂ ଅଧିକ ଗବେଷଣା ପାଇଁ ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍ଆଇ)ଠାରେ ଆବେଦନ କରାଯାଇଥିଲା। ସେଥିପାଇଁ ଅନୁମତି ମିଳିବା ପରେ ରାଜ୍ୟ ସରକାର ଏବଂ ବରଗଡ଼ ଜିଲା ପ୍ରଶାସନ ସହଯୋଗରେ ଗତ ୧୬ଦିନ ହେଲା ସମ୍ପୃକ୍ତ ଅଞ୍ଚଳରେ ଖନନ କାର୍ଯ୍ୟ ଚାଲିଛି ଏବଂ ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୬୦ଜଣ ଇତିହାସ ବିଭାଗ ଛାତ୍ରୀଛାତ୍ର ନିୟୋଜିତ ଅଛନ୍ତି। ଇତିମଧ୍ୟରେ ପ୍ରାଚୀନ ସଭ୍ୟତାରେ ବ୍ୟବହୃତ ବହୁ ସାମଗ୍ରୀ ମିଳିସାରିଛି ଏବଂ ଆଗକୁ ଏଭଳି ଗବେଷଣା ଜାରି ରହିବ ବୋଲି ଡ. ପ୍ରଧାନ କହିଛନ୍ତି।

ସେହିପରି ଡେପୁଟି ରେଜିଷ୍ଟ୍ରାର ପତି କହିଛନ୍ତି, ପାଠପଢ଼ାକୁ କେବଳ ଶ୍ରେଣୀ କୋଠରି ମଧ୍ୟରେ ସୀମିତ ନ ରଖି ଛାତ୍ରୀଛାତ୍ର କିପରି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ, ସେ ନେଇ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ଏନ୍. ନାଗାରାଜୁ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ର ମାଟି ଖନନ କାର୍ଯ୍ୟରେ ନିୟୋଜିତ ହେବା ସହିତ ପ୍ରାଚୀନ ସଭ୍ୟତାର ସନ୍ଧାନ ନେଇ ସିଧାସଳଖ ଜ୍ଞାନ ଆହରଣ କରିପାରିଛନ୍ତି। କେବଳ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୁହେଁ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବରଗଡ଼ ପଞ୍ଚାୟତ କଲେଜ, ବରପାଲି କଲେଜ, ଡୁଙ୍ଗୁରିପାଲି କଲେଜ ଆଦି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ସମ୍ପୃକ୍ତ ସ୍ଥାନକୁ ଆସି ପ୍ରାଚୀନ ସଭ୍ୟତା ଉପରେ ବହୁ କିଛି ଶିକ୍ଷାଲାଭ କରିଥିବା ସେ କହିଛନ୍ତି। ତେବେ ଖନନ କାର୍ଯ୍ୟ ଜାରି ରହିଥିବାରୁ ଆହୁରି ଅନେକ କିଛି ପ୍ରାଚୀନ ସାମଗ୍ରୀ, ଐତିହ୍ୟ ମିଳିବାର ଅନୁମାନ କରାଯାଉଛି ଏବଂ ଆଗକୁ ମଧ୍ୟ ଏ ନେଇ ଅନୁସନ୍ଧାନ ଜାରି ରହିବ ବୋଲି ଡ. ପତି କହିଛନ୍ତି।


ମାଟିତଳୁ ମିଳିଥିବା ପ୍ରାଚୀନ ଯୁଗର ମୁଦ୍ରା, ଅନ୍ୟ ସାମଗ୍ରୀ।

**ବରଗଡ଼ ଜିଲା**

- ଏଏସ୍ଆଇ ଅନୁମତି ପରେ ଗବେଷଣା
- ୧୬ ଦିନ ହେଲା ଚାଲିଛି ମାଟି ଖନନ
- ଖନନରୁ ମିଳିଲା ପ୍ରାଚୀନ ଯୁଗର ମୁଦ୍ରା
- ଆଗରୁ ଗଢ଼ି ଉଠିଥିଲା ସହରୀ ସଭ୍ୟତା
- ଏବେ ଝାଟିମାଟି ଜଙ୍ଗଲରେ ପରିପୂର୍ଣ୍ଣ

## ଭିତ୍ତିଭୂମି ନିର୍ମାଣରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧୨।୬(ବ୍ୟୁରୋ)**

ରାଜ୍ୟର ଭିତ୍ତିଭୂମି ନିର୍ମାଣରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସେମାନେ କର୍ତ୍ତବ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ପାଳନ କରିବା ଆବଶ୍ୟକ ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘ (ଓଡେଶା)ର ୬୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ଖାରବେଳ ନଗରସ୍ଥିତ ସଂଘ ଭବନରେ ଦୁଇଦିନ ଧରି ପ୍ରତିଷ୍ଠା ଉତ୍ସବ ପାଳନ କରାଯାଉଥିଲା। ରବିବାର ଉଦ୍‌ଯାପନ ଅବସରରେ ସଂଘ ସଭାପତି ଇଂ.ଶ୍ରୀକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସଂଘର ପ୍ଲାଟିନମ୍ ଜୁବିଲିର ସଫଳତା କାମନା କରିଥିଲେ। ସଂଘର ମାସିକ ପତ୍ରିକା ମୁଖପତ୍ରର ସ୍ୱତନ୍ତ୍ର ସଂକଳନ 'ମୁଖଶାଳା' ଉନ୍ମୋଚିତ ହୋଇଥିଲା। ସେହିପରି ପ୍ରତିଷ୍ଠା ଦିବସର ସ୍ୱତନ୍ତ୍ର ସ୍ମାରକୀକୁ ମୁଖ୍ୟ ଅତିଥି ଅନାବରଣ କରିଥିଲେ। ପ୍ରଥମ ଦିନ ଓଡ଼େଶା ପରିବାରର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ, କୁଇଜ୍, ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ ବିବରଣୀ ପ୍ରଦାନ ଓ ଉପସଭାପତି ଇଂ ସୁଦର୍ଶନ ବେହେରା ଧନ୍ୟବାଦ ଦେଇଥିଲେ।

# ଆଜି ଇମାମି-କିସ୍ ଆବାସିକ ବିଦ୍ୟାଳୟ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ୍ ଅନ୍ତର୍ଗତ ଆରମଳାଠାରେ ନିର୍ମିତ କିସ୍‌ର ନୂତନ ଶାଖା ଇମାମି-କିସ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩ ତାରିଖ ସୋମବାର ଉଦ୍‌ଘାଟନ କରିବେ। ୧ଲକ୍ଷ ୨୦ହଜାର ବର୍ଗଫୁଟ ଅଞ୍ଚଳରେ ଗଢ଼ି ଉଠିଥିବା ଏହି ବିଦ୍ୟାଳୟ ପାଇଁ ଜମି କ୍ରୟଠାରୁ ଆରମ୍ଭ କରି ଭିତ୍ତିଭୂମି ବିକାଶ, ସବୁଜ ବଳୟ ସୃଷ୍ଟି, ପାଚେରି ନିର୍ମାଣ, ମେକାନାଇଜଡ୍ ରୋଷଶାଳା, ୨୫ ଶଯ୍ୟାବିଶିଷ୍ଟ ଡାକ୍ତରଖାନା, ଆସବାବପତ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ନିମନ୍ତେ ମୋଟ ୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏଥିରୁ ଇମାମି ଗ୍ରୁପ୍ ୧୪ କୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଥିବାବେଳେ ବାକି ୩୬ କୋଟି ଟଙ୍କା କିଟ୍ ତରଫରୁ ଖର୍ଚ୍ଚ କରାଯାଇଛି।

ଇମାମି-କିସ୍ ଆବାସିକ ବିଦ୍ୟାଳୟରେ ସିବିଏସ୍‌ଇ ପାଠ୍ୟକ୍ରମରେ ଶିକ୍ଷାଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ଓଡ଼ିଶାର ବିଭିନ୍ନ ଜିଲାର ୧୨ଶହ ଗରିବ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାଦାନ କରାଯିବ। ପାଠପଢ଼ା ବ୍ୟତୀତ ଏଠାରେ ଛାତ୍ରୀଛାତ୍ରଙ୍କୁ ଅନ୍ୟାନ୍ୟ କ୍ଷେତ୍ର ବିଶେଷକରି ଉନ୍ନତମାନର କ୍ରୀଡ଼ା ତାଲିମ ପ୍ରଦାନ କରାଯିବ। ଏଠାରୁ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରମାନେ ଭୁବନେଶ୍ୱରସ୍ଥିତ କିସ୍ କିମ୍ବା କିଟ୍ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିପାରିବେ। ଭୁବନେଶ୍ୱର କିସ୍ ଭଳି ଏଠାରେ ସମ୍ପୂର୍ଣ୍ଣ ଆବାସିକ ଓ ବିନା ଦେୟରେ ଗରିବ ପିଲାମାନେ ପାଠ ପଢ଼ିବେ। ସମ୍ପୂର୍ଣ୍ଣ ସବୁଜ, ଇକୋ-ଫ୍ରେଣ୍ଡଲି ଓ ଟେକ୍ନୋଲୋଜି ଉପଯୋଗରେ ଏହି କ୍ୟାମ୍ପସ ପରିଚାଳିତ ହେବ।

ସୂଚନାଯୋଗ୍ୟ, ବିଶ୍ୱର ଏକମାତ୍ର ବୃହତ୍ତମ ଆବାସିକ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ହେଉଛି କିସ୍। ବିଭିନ୍ନ ଜିଲାରେ ଗରିବ ପିଲାଙ୍କୁ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ କିସ୍ ଆହୁରି ଶାଖା ଖୋଲିବାର ଯୋଜନା ରହିଛି। ଏହା ପୂର୍ବରୁ ଓଡ଼ିଶାର ବଲାଙ୍ଗୀର ଓ ମୟୂରଭଞ୍ଜରେ କିସ୍‌ର ଶାଖା ଖୋଲାଯାଇଛି।



## ଗଛରେ ପିଟିହୋଇ ୩ ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା, ୧୨।୬(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଘନସରା ଗ୍ରାମର ବୁଲାଣି ନିକଟରେ ରବିବାର ଏକ ବାଇକ୍ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପରମାଣପୁର ଗ୍ରାମର ରାକେଶ ରୋଶନ ବର(୨୪) ଓ ସୁଜିତ ସୋରେଙ୍ଗ(୨୨), ସାଙ୍କୋବାହାଲ ଗ୍ରାମର ସୁଧୀର ବର(୨୩)।

ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୫ଟା ସମୟରେ ଓଡ଼ି୫ୟୁ-୨୨୪୩ ନଂ. ବାଇକ୍‌ରେ ୩ ଜଣ ଯୁବକ ଘନସରା ଗ୍ରାମପଟୁ ଗଡ଼ପୋଷ ଅଭିମୁଖେ କୌଣସି କାମରେ ଯାଉଥିଲେ। ଯିବା ରାସ୍ତାରେ ଘନସରାଠାରେ ବୁଲାଣି ଥିବା ବେଳେ କୌଣସି କାରଣରୁ ଚାଳକ ଭାରସାମ୍ୟ ହରାଇବାରୁ ବାଇକ୍‌ଟି ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇଥିଲା। ଖବର ପାଇ ଗଡ଼ପୋଷ ଫାଣ୍ଡି ଅଧିକାରୀ ଦେବରାଜ ସାହୁ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଗଡ଼ପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ତେବେ ଡାକ୍ତର ଉପରୋକ୍ତ ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଫାଣ୍ଡିରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାମରା ଡାକ୍ତରଖାନାକୁ ପଠାଇଥିବା ଜଣାଯାଇଛି।

## ମହିଳାଙ୍କୁ ଅସଦାଚରଣ: ତହସିଲ କର୍ମଚାରୀ ଗିରଫ

**ବୋଲଗଡ଼, ୧୨।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ରବିବାର ପୋଲିସ ଜଣେ ତହସିଲ କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବୋଲଗଡ଼ ତହସିଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ବସନ୍ତ କୁମାର ନାୟକ। ଏନେଇ ଥାନାରେ ଏକ ମାମଲା (ନଂ.୧୪୯/୨୨) ରୁଜୁ ହୋଇଥିବା ଆଇଆଇସି ବିଦିତା ନାୟକ କହିଛନ୍ତି। ସୂଚନା ମୁତାବକ, ବୋଲଗଡ଼ ଥାନା ଅଞ୍ଚଳର ଜଣେ ମହିଳା ୨୦୧୩ ମସିହାରେ ଛାଡ଼ପତ୍ର ପରେ ବାପଘରେ ରହିଆସୁଥିଲେ। ମା'ବାପାଙ୍କ ମୃତ୍ୟୁ ପରେ ମହିଳା ଜଣଙ୍କ ୨୦୨୦ରେ ପୈତୃକ ସମ୍ପତ୍ତିକୁ ନିଜ ନାମରେ ପଞ୍ଜୀକୃତ କରିବା ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଉକ୍ତ ସମୟରେ କେତେଜଣ କର୍ମଚାରୀ ସମ୍ପତ୍ତି କରାଇଦେବା ପାଇଁ ୨୦ ହଜାର ଟଙ୍କା ନେଇଥିଲେ। ଗତ ୧୩ ଜାନୁୟାରୀରେ ମହିଳା ଜଣଙ୍କ ପଟ୍ଟାରେ ଭୁଲ୍ ଥିବା ଜାଣିବାକୁ ପାଇଥିଲେ। ସେଥିରେ ତାଙ୍କ ବାପାଙ୍କ ନାମ ସ୍ଥାନରେ ସ୍ୱାମୀଙ୍କ ନାଁ ରହିଥିବାରୁ ସଂଶୋଧନ ପାଇଁ ଆବେଦନ କରିଥିଲେ। ଗତ ମାର୍ଚ୍ଚରେ ସେ ଏନେଇ ତହସିଲ କାର୍ଯ୍ୟାଳୟ ଯାଇଥିବା ବେଳେ ବସନ୍ତ ତାଙ୍କୁ ପଟ୍ଟା କରାଇଦେବା ଆଳରେ ତହସିଲ ପଛପଟ ସରକାରୀ ବାସଭବନକୁ ଡକାଇ ଅସଦାଚରଣ କରିଥିଲେ। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ସହ ଅସଦାଚରଣ ସମୟର ଏକ ଅଡିଓ ରେକର୍ଡ ଦାଖଲ କରିଥିଲେ। ପୋଲିସ ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ନବଜାତ ଛୁଆକୁ ଛାଡ଼ି ପଳାଇଲା ମା' ହାତୀ

- ଛିଡ଼ା ହୋଇପାରୁନାହିଁ, ଚାଲିଛି ଚିକିତ୍ସା
- ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଗଲା

**ଢେଙ୍କାନାଳ ଅଫିସ୍/ରାସୋଲ(ଡି.ଏନ୍.ଏ.), ୧୨।୬**

ହାତୀ ହେଉଛି ଏକ ସମ୍ବେଦନଶୀଳ ପ୍ରାଣୀ। ବିଶେଷ କରି ଶାବକ ଜୀବନ ପ୍ରତି ସାମାନ୍ୟ ବିପଦ ସୃଷ୍ଟି ହେଲେ, ସେ ସୁରକ୍ଷା ଦେବାକୁ ଆଗେଇ ଆସେ। ଅଧିକ ହିଂସ୍ର ହୋଇପଡ଼େ। ଜୀବନ ନେବାକୁ ବି ପଛାଏନି। ହେଲେ ଢେଙ୍କାନାଳ ଜିଲାରୁ ହାତୀ ଏବଂ ଶାବକକୁ ନେଇ ଆସିଛି ବିପରୀତ ଚିତ୍ର। ଜନ୍ମ କରିବା ପରେ ଏକ ଛୁଆହାତୀକୁ ଛାଡ଼ି ଜଙ୍ଗଲକୁ ପଳାଇଛି ମା'। ନବଜାତ ହାତୀ ଶାବକ ଅତ୍ୟନ୍ତ ଦୁର୍ବଳ ଅଛି। ଜୀବନ ପ୍ରତି ବିପଦ ଆଶଙ୍କା ଥିବାରୁ ଅଧିକ ଚିକିତ୍ସା ପାଇଁ ଏହାକୁ କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଛି।

ହିନ୍ଦୋଳ ବ୍ଲକ ରାସୋଲ ଥାନା ଅନ୍ତର୍ଗତ କୁନୁଆ ଶବର ସାହି ନିକଟ ଜଙ୍ଗଲ ତଳି ଅଞ୍ଚଳରେ ରବିବାର ସକାଳେ ଦେଖିବାକୁ ମିଳିଥିଲା ଅଭାବନୀୟ ଦୃଶ୍ୟ। ଏକ ନବଜାତ ହାତୀ ଶାବକ ଅସହାୟ ଅବସ୍ଥାରେ ପଡ଼ି ରହିଥିଲା। ଉଠିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଛିଡ଼ା ହୋଇପାରୁ ନ ଥିଲା। ସ୍ଥାନୀୟ ବାସିନ୍ଦାଙ୍କଠାରୁ ସୂଚନା ପାଇ ହିନ୍ଦୋଳ ରେଞ୍ଜର ଲୋହିତ ରଥ କର୍ମଚାରୀଙ୍କ ସହ ପହଞ୍ଚିଥିଲେ। ସ୍ତନ୍ୟପାନରୁ ବଞ୍ଚିତ ହୋଇ ଛୁଆ ହାତୀ ଦୁର୍ବଳ ହୋଇପଡ଼ିଥିଲା। କପିଳାସ ପ୍ରାଣୀ ଉଦ୍ୟାନର ଚିକିତ୍ସକଙ୍କ ସହାୟତାରେ ୮ ଇଞ୍ଜେକ୍ସନ, ସାଲାଇନ୍ ଦେବାପରେ ସେ ଛିଡ଼ା ହୋଇଥିଲା। ରଡ଼ି କରି ମା'କୁ ଖୋଜିଥିଲା। କିନ୍ତୁ ଅପରାହ୍ନରେ ପୁନର୍ବାର ଛିଡ଼ା ହୋଇ ନ ପାରିବାରୁ ଅଧିକ ଚିକିତ୍ସା ପାଇଁ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନିଙ୍କ ନିର୍ଦ୍ଦେଶରେ ପିକ୍‌ଅପ୍ ଭ୍ୟାନ୍‌ରେ ହାତୀଛୁଆକୁ କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ କୁହନ୍ତି, ଛୁଆ ଜନ୍ମକରି ମା' ହାତୀଟି ନିକଟ ଜଙ୍ଗଲକୁ ପଳାଇଛି। ଅଧିକ ଚିକିତ୍ସା ଓ ଯତ୍ନ ପାଇଁ ତାକୁ କପିଳାସ ଜୁ'କୁ ଅଣାଯାଇଛି। ଏହାକୁ ମିଶାଇ କପିଳାସ ରେସ୍କ୍ୟୁ ସେଣ୍ଟରରେ ହାତୀସଂଖ୍ୟା ୮ରେ ପହଞ୍ଚିଛି।

ଅନ୍ୟପଟେ ସନ୍ଧ୍ୟାରେ ହାତୀ ଶାବକ ଜନ୍ମ ହୋଇଥିବା ସ୍ଥାନକୁ ଏକ ପଲରେ ୫ରୁ ଉର୍ଦ୍ଧ୍ୱ ହାତୀ ଆସି ଡେରା ପକାଇଛନ୍ତି। ସେମାନଙ୍କ ଗର୍ଜନରେ ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏହାକୁ ନେଇ ବନ ବିଭାଗ ସତର୍କ ହୋଇଉଠିଛି। ଧନଜୀବନ ହାନି ଆଶଙ୍କାରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ଖଲିବୋରେଇ ଫରେଷ୍ଟର ହିମାଂଶୁ ଶେଖର ପୃଷ୍ଟି କହିଛନ୍ତି। ଏ ନେଇ ରେଞ୍ଜର ରଥ କୁହନ୍ତି, ସାଧାରଣତଃ ଏଭଳି ଘଟଣାରେ ୨-୩ଦିନ ଯାଏ ହାତୀପଲ ଛୁଆକୁ ଖୋଜିଥାଆନ୍ତି। ହାତୀ ଶାବକ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବା ପରେ ଏହାକୁ ପଲରେ ମିଶାଇବାକୁ ଉଦ୍ୟମ କରାଯିବ। ନଚେତ୍ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।


ଉଦ୍ଧାର ହାତୀ ଶାବକ

**କନ୍ଧରା ଜଙ୍ଗଲରେ ୬୦ ହାତୀ**

ରାସୋଲ ବିଟ୍‌ର କନ୍ଧରା ସଂରକ୍ଷିତ ଜଙ୍ଗଲରେ ଦୀର୍ଘଦିନ ହେଲା ଏକ ପଲରେ ୬୦ ହାତୀ ରହୁଛନ୍ତି। ସେମାନେ ଜଳକ୍ରୀଡ଼ା କରିବାକୁ ଦୈନିକ ସନ୍ଧ୍ୟାରେ କନ୍ଧରାରୁ ବୁହାଳିପାଳ ପଞ୍ଚାୟତ କାଳିଯୋଡ଼ି ପ୍ରକଳ୍ପକୁ ଆସୁଛନ୍ତି। ପୁନର୍ବାର ରାତିରେ ମୁଖ୍ୟ ବାସସ୍ଥାନକୁ ଫେରି ଆସନ୍ତି। ଶନିବାର ରାତିରେ ହାତୀପଲ ଫେରିବା ବାଟରେ ଏକ ହାତୀ ଉକ୍ତ ଶାବକକୁ ଜନ୍ମ ଦେଇଥିଲା। ତେବେ ଛୁଆ ଦୀର୍ଘ ସମୟ ଯାଏ ଉଠି ନ ପାରିବାରୁ ଏହାକୁ ଛାଡ଼ି ହାତୀପଲ ଜଙ୍ଗଲକୁ ପଳାଇଥିବା ଅନୁମାନ କରାଯାଉଛି।


**HDFC** ଭୁବନେଶ୍ୱର ଶାଖା, ପ୍ଲଟ୍ ନଂ.: ୯୮, ୩ୟ ମହଲା, କେଶରୀ ଟକିଜ୍ କମ୍ପ୍ଲେକ୍ସ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, ଫୋନ୍: ୦୬୭୪-୬୬୩୩୩୦୦,
ହାଉସିଂ ଡେଭେଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲିଃ. CIN-L70100MH1977PLC019916, Website: www.hdfc.com

**ଦଖଲ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ହାଉସିଂ ଡେଭେଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ-୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩ (୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଦେୟ ପରିଶୋଧ ତାରିଖ ପର୍ଯ୍ୟନ୍ତ ଅଥବା ଦେୟ ଆଦାୟ ସମାପ୍ତି ପର୍ଯ୍ୟନ୍ତ ନୋଟିସ୍ ଦର୍ଶିତ ପ୍ରଜ୍ଜୁର୍ଯ୍ୟ ସୁଧ ସହିତ ଆନୁଷଙ୍ଗିକ ଖର୍ଚ୍ଚ, ଦେୟ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

| ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନାମ | ବକେୟା ପରିମାଣ / ଋଣ ଆକାଉଣ୍ଟ ନଂ. | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|---|
| ଋଣଗ୍ରହୀତା: ସୁଶାନ୍ତ କୁମାର ଦାସ, ସହ-ଋଣଗ୍ରହୀତା: ଅମିତ ଦାସ | ୩୦.୦୬.୨୦୨୧ ସୁଦ୍ଧା ଟ.୨୬,୫୧,୨୪୦/- * / ଋଣ ଆକା. ନଂ.: ୬୦୪୬୯୪୩୧୪ | ୩୧.୦୮.୨୦୨୧ | ୦୭.୦୬.୨୦୨୨ (ସାଙ୍କେତିକ ଦଖଲ) | "ପାର୍ବତୀ ଏନ୍‌କ୍ଲେଭ" ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍ ଯାହାର ଫ୍ଲାଟ୍ ନଂ.: ୧୦୪ (୩ ବିଆର), ୧ମ ମହଲା ସହିତ ଗୋଟିଏ କାର ପାର୍କିଂ ସ୍ଥାନ, କ୍ଷେତ୍ର: ୧୪୭୪ ବର୍ଗଫୁଟ, ପ୍ଲଟ୍ ନଂ.: ୮୮୩, ଖାତା ନଂ.: ୩୪୯, ସେଟେଲମେଣ୍ଟ ପ୍ଲଟ୍ ନଂ.: ୪୨୬/୩୩୯୬, ଖାତା ନଂ.: ୭୯୬, ମୌଜା: ଶଙ୍କରପୁର, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା ନଂ.-୫୫, ହାଲ ଥାନା: ଖଣ୍ଡଗିରି, ଏସ୍‌ଆରଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା |
| ଋଣଗ୍ରହୀତା: ପ୍ରଦୀପ କୁମାର ରାଉତରାୟ | ୩୦.୦୬.୨୦୧୯ ସୁଦ୍ଧା ଟ.୩୪,୦୬,୬୯୭/- * / ଋଣ ଆକା. ନଂ.: ୬୧୮୨୯୨୯୪୦ | ୦୨.୦୮.୨୦୧୯ | ୦୭.୦୬.୨୦୨୨ (ସାଙ୍କେତିକ ଦଖଲ) | ବିଏମ୍‌ସି ଭବାନୀ ସହୀଦ ନଗର ଏନ୍‌କ୍ଲେଭ ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍ ଯାହାର ଫ୍ଲାଟ୍ ନଂ.: ୬/ସି, ୬ଷ୍ଠ ମହଲା ପରିମିତ ସୁପର ବିଲ୍ଟ ଅପ୍ ଏରିଆ: ୧୧୦୩ ବର୍ଗଫୁଟ, ବ୍ଲକ୍-୨, ଟାଇପ୍-ଏ ସହିତ କାର ପାର୍କିଂ ସ୍ଥାନ, ଏହାର ଚଉପାର୍ଶ୍ୱରେ- ଉତ୍ତର: ବାଣିଜ୍ୟିକ କମ୍ପ୍ଲେକ୍ସ ଏବଂ ଆଭ୍ୟନ୍ତରୀଣ ରାସ୍ତା, ଦକ୍ଷିଣ: ଫ୍ଲାଟ ନଂ. ୬ବି ଏବଂ ବ୍ଲକ୍-୧, ପୂର୍ବ: ଆଭ୍ୟନ୍ତରୀଣ ରାସ୍ତା ଏବଂ ବାଣିଜ୍ୟିକ କମ୍ପ୍ଲେକ୍ସ, ପଶ୍ଚିମ: ଲିଫ୍ଟ ଲବି ଏବଂ ସିଡି ସହିତ ଅବିଭାଜିତ ଆନୁପାତିକ ଅଂଶର କ୍ଷେତ୍ର: ଏକର୧.୭୫୨ଡିସିମିଲିରୁ ଏକର୦.୦୦୩.୮୦ଡିସିମିଲି, ଯାହାର ପ୍ଲଟ୍ ନଂ.: ୪୮୨ ରୁ ୪୯୦, ୫୯୦, ୫୨୩, ୫୩୩ ରୁ ୫୫୭, ୫୫୯ ରୁ ୫୬୩ ଏବଂ ପ୍ଲଟ୍ ନଂ.: ୪୭୩, ୪୮୦, ୪୯୧, ୫୦୦, ୫୦୧ ରୁ ୫୩୨ର ଅଂଶ, ଖାତା ନଂ.: ୧୦୩୪, ୧୦୩୫, ମୌଜା: ସହୀଦ ନଗର, ୟୁନିଟ୍ ନଂ. ୧୧, ତହସିଲ: ଭୁବନେଶ୍ୱର, ଏହାର ଚଉପାର୍ଶ୍ୱରେ- ଉତ୍ତର: ବାଣିଜ୍ୟିକ କମ୍ପ୍ଲେକ୍ସ, ଦକ୍ଷିଣ: ରାସ୍ତା, ପୂର୍ବ: ବାଣିଜ୍ୟିକ କମ୍ପ୍ଲେକ୍ସ, ପଶ୍ଚିମ: ରାସ୍ତା |
| ଋଣଗ୍ରହୀତା: ନମ୍ରତା ମିଶ୍ର ସହ-ଋଣଗ୍ରହୀତା: ମିହିର ରଞ୍ଜନ ମହାପାତ୍ର | ୩୦.୧୧.୨୦୨୧ ସୁଦ୍ଧା ଟ.୧୨,୮୪,୨୭୪/- * / ଋଣ ଆକା. ନଂ.: ୪୭୬୯୭୪୮୬୬ | ୦୪.୦୧.୨୦୨୧ | ୦୭.୦୬.୨୦୨୨ (ଭୌତିକ ଦଖଲ) | ପ୍ଲଟ୍ ଯାହାର ଜମିର ଆପାତତଃ ପରିମିତ କ୍ଷେତ୍ର: ଏକର୦.୦୦୨.୭୦ଡିସିମିଲି ଯଥା ୧୦୯ ବର୍ଗମିଟର ସହିତ ସେଠାରେ ଥିବା ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ନିର୍ମାଣ, ସାବକ ଖାତା ନଂ.: ୯୦, ପ୍ଲଟ୍ ନଂ.: ୬୨୬, ଅନୁରୂପ ରୂପାନ୍ତରିତ ଖାତା ନଂ.: ୭୬୭/୩୯୨, ପ୍ଲଟ୍ ନଂ.: ୬୨୬/୨୧୮୦, କ୍ଷେତ୍ର: ଏକର୦.୬୦ଡିସିମିଲି (ସମୁଦାୟ ପ୍ଲଟ୍ କ୍ଷେତ୍ର ସବ୍ ପ୍ଲଟରେ ବିଭକ୍ତ), ସବ୍ ପ୍ଲଟ୍ ନଂ. ୨, ଗ୍ରାମ/ମୌଜା: ପୂବାଶାସନ, ଥାନା: ପିପିଲି, ଥାନା ନଂ. ୫୩, ଏସ୍‌ଆରଓ / ତହସିଲ: ପିପିଲି, ଏହାର ଚଉପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୩, ଦକ୍ଷିଣ: ରାସ୍ତା, ପୂର୍ବ: ସୁଜାତା ସାହୁ, ପଶ୍ଚିମ: ରାସ୍ତା |
| ଋଣଗ୍ରହୀତା: ପି. ଦିଲ୍ଲୀପ କୁମାର ପାତ୍ର ସହ-ଋଣଗ୍ରହୀତା: ନିରୁପମା ପାତ୍ର | ୩୧.୦୬.୨୦୨୧ ସୁଦ୍ଧା ଟ.୨୩,୧୦,୬୮୧/- * / ଋଣ ଆକା. ନଂ.: ୬୧୩୦୧୬୮୧୩ | ୩୦.୦୮.୨୦୨୧ | ୦୭.୦୬.୨୦୨୨ (ସାଙ୍କେତିକ ଦଖଲ) | ପ୍ଲଟ୍ ଯାହାର ଜମିର ଆପାତତଃ ପରିମିତ କ୍ଷେତ୍ର: ଏକର୦.୦୫୦ଡିସିମିଲି ସହିତ ସେଠାରେ ଥିବା ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ନିର୍ମାଣ, ପ୍ଲଟ୍ ନଂ.: ୩୦୩୩/୪୭୦୯, ଖାତା ନଂ.: ୯୦୭, ତହସିଲ: ଭୁବନେଶ୍ୱର, ମୌଜା: ଗୌତମ ନଗର, ଜିଲ୍ଲା: ଖୋର୍ଦ୍ଧା |
| ଋଣଗ୍ରହୀତା: ମୁଥା ଶେଖର ଭେଙ୍କଟ ସୂର୍ଯ୍ୟ | ୩୧.୦୮.୨୦୧୮ ସୁଦ୍ଧା ଟ.୧୦,୮୭,୨୦୬/- * / ଋଣ ଆକା. ନଂ.: ୪୭୭୦୪୩୧୨୯ | ୦୯.୧୦.୨୦୧୮ | ୦୭.୦୬.୨୦୨୨ (ସାଙ୍କେତିକ ଦଖଲ) | "ସେଭେନ ହିଲ୍ସ ସାଣ୍ଡସ୍" ବିଲ୍ଡିଂରେ ଥିବ ଫ୍ଲାଟ୍ ଯାହାର ଆପାତତଃ ପରିମିତ କ୍ଷେତ୍ର: ୪୩୮.୭୧ ବର୍ଗଫୁଟ, ଫ୍ଲାଟ୍ ନଂ.: ୩୧୦୦, ୩ୟ ମହଲା, ପ୍ଲଟ୍ ନଂ.: ୩୫୧, ୩୪୭ (ଅଂଶ), ଖାତା ନଂ.: ୩୬, ମୌଜା: ସିପସରୁବାଲି, ପୁରୀ, ଥାନା: ବଳିଆପଣ୍ଡା, ଏସ୍‌ଆରଓ / ଜିଲ୍ଲା: ପୁରୀ |
| ଋଣଗ୍ରହୀତା: ଅବିନାଶ ମହାନ୍ତି | ୩୧.୦୩.୨୦୧୮ ସୁଦ୍ଧା ଟ.୧୬,୭୧,୭୯୫/-* / ଋଣ ଆକା. ନଂ.: ୬୦୧୩୬୬୦୧୭ | ୧୫.୦୫.୨୦୧୮ | ୦୭.୦୬.୨୦୨୨ (ସାଙ୍କେତିକ ଦଖଲ) | "ସେଭେନ ହିଲ୍ସ ସାଣ୍ଡସ୍" ବିଲ୍ଡିଂରେ ଥିବ ଫ୍ଲାଟ୍ ଯାହାର ଆପାତତଃ ପରିମିତ କ୍ଷେତ୍ର: ୪୩୮ ବର୍ଗଫୁଟ, ଫ୍ଲାଟ୍ ନଂ.: ୪୦୬୮, ୪ର୍ଥ ମହଲା, ପ୍ଲଟ୍ ନଂ.: ୩୫୧, ୩୪୭, ଖାତା ନଂ.: ୩୬, ମୌଜା: ସିପସରୁବାଲି, ପୁରୀ |
| ଋଣଗ୍ରହୀତା: ସୂର୍ଯ୍ୟ ପ୍ରକାଶ ଦାସ | ୩୧.୦୮.୨୦୧୮ ସୁଦ୍ଧା ଟ.୧୧,୧୧,୩୮୫/-* / ଋଣ ଆକା. ନଂ.: ୪୭୭୦୬୬୨୧୨ | ୦୯.୧୦.୨୦୧୮ | ୦୭.୦୬.୨୦୨୨ (ସାଙ୍କେତିକ ଦଖଲ) | "ସେଭେନ ହିଲ୍ସ ସାଣ୍ଡସ୍" ବିଲ୍ଡିଂରେ ଥିବ ଫ୍ଲାଟ୍ ଯାହାର ଆପାତତଃ ପରିମିତ କ୍ଷେତ୍ର: ୪୩୮.୭୧ ବର୍ଗଫୁଟ, ଫ୍ଲାଟ୍ ନଂ.: ୩୧୦୧, ୩ୟ ମହଲା, ପ୍ଲଟ୍ ନଂ.: ୩୪୭ (ଅଂଶ), ଖାତା ନଂ.: ୩୬, ମୌଜା: ସିପସରୁବାଲି, ଥାନା: ବଳିଆପଣ୍ଡା, ଏସ୍‌ଆରଓ / ଜିଲ୍ଲା: ପୁରୀ |
| ଋଣଗ୍ରହୀତା: ଯାତ୍ରୀ ଦାସ, ସହ-ଋଣଗ୍ରହୀତା: ପ୍ରାଣବନ୍ଧୁ ଦାସ | ୩୦.୧୧.୨୦୨୦ ସୁଦ୍ଧା ଟ.୧୭,୭୮,୮୪୦/-* / ଋଣ ଆକା. ନଂ.: ୬୧୩୬୫୪୨୩୩ | ୨୩.୧୨.୨୦୨୦ | ୦୮.୦୬.୨୦୨୨ (ସାଙ୍କେତିକ ଦଖଲ) | ପ୍ଲଟ୍ ଯାହାର ଜମିର ଆପାତତଃ ପରିମିତ କ୍ଷେତ୍ର: ଏକର୦.୦୫୦ଡିସିମିଲି ସହିତ ସେଠାରେ ଥିବା ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ନିର୍ମାଣ, ପ୍ଲଟ୍ ନଂ.: ୩୦୩୩/୪୭୦୯, ଖାତା ନଂ.: ୯୦୭, ତହସିଲ: ଭୁବନେଶ୍ୱର, ମୌଜା: ଗୌତମ ନଗର, ଜିଲ୍ଲା: ଖୋର୍ଦ୍ଧା, ପ୍ଲଟ୍ ଯାହାର ଜମିର ଆପାତତଃ ପରିମିତ କ୍ଷେତ୍ର: ଏକର୦.୦୩୦ଡିସିମିଲି ସହିତ ସେଠାରେ ଥିବା ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ନିର୍ମାଣ, ହାଲ ପ୍ଲଟ୍ ନଂ.: ୧୮୧/୧୯୯୧/୧, ହାଲ ଖାତା ନଂ.: ୩୪୭/୪୬୬, ଅନୁରୂପ ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୮୯ ଏବଂ ପ୍ଲଟ୍ ନଂ.: ୧୮୧, ସମୁଦାୟ କ୍ଷେତ୍ର: ଏକର୨.୩୦୦ଡିସିମିଲିରୁ କ୍ଷେତ୍ର ଏକର୦.୦୩୦ଡିସିମିଲି, ମୌଜା: ମାଲିକାପୁର ଦକ୍ଷିଣ ପୂର୍ବ କୋଣ, ୱାର୍ଡ ନଂ.: ୨୪, ଏସ୍‌ଆର୍: ବାଲେଶ୍ୱର, ଥାନା: ବାଲେଶ୍ୱର ଟାଉନ, ଥାନା ନଂ. ୧୬, ଏସ୍‌ଆରଓ: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଏହାର ଚଉପାର୍ଶ୍ୱରେ- ଉତ୍ତର: ରାସ୍ତା ଏବଂ ଅବଶିଷ୍ଟ ଜମି, ଦକ୍ଷିଣ: ଶଶାଙ୍କ ଶେଖର ସାମଲ, ପୂର୍ବ: ମଧୁସୂଦନ କର, ପଶ୍ଚିମ: ଜୟନ୍ତ କୁମାର ବୋଷ, ପ୍ଲଟ୍-୨: ପ୍ଲଟ୍ ଯାହାର ଜମିର ଆପାତତଃ ପରିମିତ କ୍ଷେତ୍ର: ଏକର୦.୦୧୧ଡିସିମିଲି ସହିତ ସେଠାରେ ଥିବା ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ନିର୍ମାଣ, ହାଲ ପ୍ଲଟ୍ ନଂ.: ୧୮୦/୧୧୫୦/୨୦୭୦, ହାଲ ଖାତା ନଂ.: ୫୭୪/୧୯୪, ଅନୁରୂପ ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୮୮, ପ୍ଲଟ୍ ନଂ.: ୧୮୦/୧୧୫୦, ସମୁଦାୟ କ୍ଷେତ୍ର: ଏକର୦.୫୩୦ଡିସିମିଲି ରୁ କ୍ଷେତ୍ର ଏକର୦.୦୧୧ଡିସିମିଲି, ମୌଜା: ମଲ୍ଲିକାପୁର ଉତ୍ତର ପୂର୍ବ କୋଣ, ୱାର୍ଡ ନଂ. ୨୪, ଏସ୍‌ଆର୍: ବାଲେଶ୍ୱର, ଥାନା: ବାଲେଶ୍ୱର ଟାଉନ, ଥାନା ନଂ. ୧୬, ଏସ୍‌ଆରଓ: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଏହାର ଚଉପାର୍ଶ୍ୱରେ- ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ରାସ୍ତା ଏବଂ ଅବଶିଷ୍ଟ ଜମି, ପୂର୍ବ: ପ୍ଲଟ୍ ନଂ. ୧୯୦, ପଶ୍ଚିମ: ମଧୁସୂଦନ ପଟ୍ଟନାୟକ |
| ଋଣଗ୍ରହୀତା: ଗୌରହରି ସାହୁଆ | ୩୦.୧୧.୨୦୨୦ ସୁଦ୍ଧା ଟ.୧୭,୬୪,୭୯୬/- * / ଋଣ ଆକା. ନଂ.: ୬୨୬୩୨୬୯୩୬ ଟ.୧,୭୧,୨୬୬/- * ଋଣ ଆକା. ନଂ.: ୬୨୮୩୦୦୪୮୧ ଏବଂ ଟ.୬,୭୧,୦୧୩/- ଋଣ ଆକା. ନଂ.: ୬୨୬୩୨୭୦୯୨ | ୨୬.୧୨.୨୦୨୦ | ୦୮.୦୬.୨୦୨୨ (ସାଙ୍କେତିକ ଦଖଲ) | ପ୍ଲଟ୍ ଯାହାର ଜମିର ଆପାତତଃ ପରିମିତ କ୍ଷେତ୍ର: ଏକର୦.୦୦୨.୫୦୦ଡିସିମିଲି ସହିତ ସେଠାରେ ଥିବା ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ନିର୍ମାଣ, ପ୍ଲଟ୍ ନଂ.: ୫୪୭/୧୨୦୨, ଖାତା ନଂ.: ୩୩୧/୭୪୭, ମୌଜା: ବଳରାମପୁର, ବାରିପଦା ଟାଉନ ୟୁନିଟ୍ ନଂ. ୧୭, ଥାନା: ବାରିପଦା ନଂ. ୯୦, ପୋ.: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ଏହାର ଚଉପାର୍ଶ୍ୱରେ- ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ସେଖ୍ ସବିରୁଦ୍ଦିନ, ଉତ୍ତର: ସେଖ୍ ଓ୍ୱର୍ଦ୍ଦାଲ୍ଲୀ, ଦକ୍ଷିଣ: ସରକାରୀ ରାସ୍ତା |
| ଋଣଗ୍ରହୀତା: ରବିନ୍ଦ୍ର କୁମାର ପାତ୍ର ସହ-ଋଣଗ୍ରହୀତା: ପ୍ରଫୁଲ୍ଲ ପାତ୍ର | ୩୧.୦୩.୨୦୧୮ ସୁଦ୍ଧା ଟ.୪,୫୪,୬୬୮/-* / ଋଣ ଆକା. ନଂ.: ୬୧୬୭୫୫୪୯୮ | ୧୫.୦୫.୨୦୧୮ | ୦୮.୦୬.୨୦୨୨ (ସାଙ୍କେତିକ ଦଖଲ) | ଖାତା ନଂ.: ୪୯୯, ପ୍ଲଟ୍ ନଂ.: ୩୮୪/୩୦୩୯, କ୍ଷେତ୍ର: ଏକର୦.୧୦ଡିସିମିଲି, କଲୋନୀ ପ୍ଲଟ୍ ନଂ.: ୮/୪୬, ମ୍ୟୁଟେସନ୍ ଖାତା ନଂ.: ୩୮୪/୩୧୪୬, ମ୍ୟୁଟେସନ୍ ଖାତା ନଂ.: ୪୯୭/୭୦୩, ମୌଜା: ତ୍ରିଜଙ୍ଗା, ଥାନା: ସୁକିନ୍ଦା, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର |
| ଋଣଗ୍ରହୀତା: ଗୌରି ପ୍ରସାଦ ଦାସ ସହ-ଋଣଗ୍ରହୀତା: ସୁଜାତା ଦାସ | ୩୧.୧୦.୨୦୧୮ ସୁଦ୍ଧା ଟ.୭,୪୫,୨୯୧/-* / ଋଣ ଆକା. ନଂ.: ୪୭୩୬୨୮୬୨୯ | ୧୯.୧୨.୨୦୧୮ | ୦୮.୦୬.୨୦୨୨ (ସାଙ୍କେତିକ ଦଖଲ) | ଏଲ୍ଆଇଜି କ୍ୟାଟେଗୋରୀର ଏକ ପ୍ଲଟ୍ ଯାହାର ନଂ.: ୪୩, ପରିମିତ ୧୫୦୦ ବର୍ଗଫୁଟ, ଲମ୍ବ ୫୦ ଫୁଟ ଏବଂ ପ୍ରସ୍ଥ ୩୦ ଫୁଟ ଏବଂ ଚୋରଦା ଏବଂ ଉଆଁପଦା ସାଇଟ୍ ଆଣ୍ଡ ସର୍ଭିସ ସ୍କିମ୍, ଯାଜପୁର ରୋଡ୍, ଏସ୍‌ଆରଓ: ଯାଜପୁର, ଏସ୍‌ଆରଓ: ତୋଲିପୁର, ଜିଲ୍ଲା: ଯାଜପୁର, ଏହାର ଚଉପାର୍ଶ୍ୱରେ- ଉତ୍ତର: ଏଲ୍ଆଇଜି-୪୧, ଦକ୍ଷିଣ: ୨୦ ଫୁଟ ରାସ୍ତା, ପୂର୍ବ: ଏଲ୍ଆଇଜି-୪୨, ପଶ୍ଚିମ: ଏଲ୍ଆଇଜି-୪୪ |
| ଋଣଗ୍ରହୀତା: ଅରିନ୍ଦମ୍ କର ସହ-ଋଣଗ୍ରହୀତା: ସୌମିତା କର | ୩୦.୦୬.୨୦୨୧ ସୁଦ୍ଧା ଟ.୪,୮୪,୦୬୭/-* / ଋଣ ଆକା. ନଂ.: ୬୧୮୦୬୧୧୫୫ ଏବଂ ଟ.୨୭,୩୩,୪୫୦/-* ଋଣ ଆକା. ନଂ.: ୬୦୮୩୯୨୭୫୦ | ୩୧.୦୮.୨୦୨୧ | ୦୮.୦୬.୨୦୨୨ (ସାଙ୍କେତିକ ଦଖଲ) | ଫ୍ଲାଟ୍ ଯାହାର ଆପାତତଃ ପରିମିତ ସୁପର ବିଲ୍ଟ ଅପ୍ ଏରିଆ ୧୫୫୦ ବର୍ଗଫୁଟ ଯାହାକି "କିର୍ତ୍ତନ ଏନ୍‌କ୍ଲେଭ" ନାମକ ବିଲ୍ଡିଂର ଫ୍ଲାଟ୍ ନଂ.: ୩୧୫, ୩ୟ ମହଲା, ବ୍ଲକ୍-ବି, ପ୍ଲଟ୍ ନଂ.: ୧୨୫୦/୨୭୦୩, ଖାତା ନଂ.: ୯୫, ମୌଜା: ଭାଡିଆ, ଯାଜପୁର ରୋଡ୍‌ରେ ଅବସ୍ଥିତ |
| ଋଣଗ୍ରହୀତା: ଅନୁପମା ଦାସ ସହ-ଋଣଗ୍ରହୀତା: ଶ୍ରୀନିବାସ ସାମଲ | ୩୧.୦୩.୨୦୧୭ ସୁଦ୍ଧା ଟ.୧୨,୫୦,୬୯୦/- * / ଋଣ ଆକା. ନଂ.: ୪୭୦୮୪୩୬୩୮ | ୦୩.୦୫.୨୦୧୭ | ୦୯.୦୬.୨୦୨୨ (ସାଙ୍କେତିକ ଦଖଲ) | ସମ୍ପତ୍ତି ଯାହାକି ଜିଲ୍ଲା: କେନ୍ଦ୍ରାପଡା, ଥାନା: ପଟ୍ଟାମୁଣ୍ଡାଇ, ମୌଜା: ନରସିଂହପୁର, ଏସ୍‌ଆରଓ: ପଟ୍ଟାମୁଣ୍ଡାଇ, ପ୍ଲଟ୍ ନଂ.: ୧୮୪୧, ଖାତା ନଂ.: ୯୦୩, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଏହାର ଚଉପାର୍ଶ୍ୱରେ- ଉତ୍ତର: ବାଟମଙ୍ଗଳା ଠାକୁରାଣୀ, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତାରେ ଅବସ୍ଥିତ |
| ଋଣଗ୍ରହୀତା: ପରମେଶ୍ୱର ସେନ | ୩୧.୦୩.୨୦୧୮ ସୁଦ୍ଧା ଟ.୧୭,୩୯,୯୩୭/-* / ଋଣ ଆକା. ନଂ.: ୬୧୫୫୭୮୬୬୩ | ୧୩.୧୨.୨୦୧୮ | ୦୯.୦୬.୨୦୨୨ (ସାଙ୍କେତିକ ଦଖଲ) | ପ୍ଲଟ୍ ଯାହାର ଜମିର ଆପାତତଃ ପରିମିତ କ୍ଷେତ୍ର: ଏକର୦.୨୧୦ଡିସିମିଲି, ସାବିକ ଖାତା ନଂ.: ୮୨୩, ପ୍ଲଟ୍ ନଂ.: ୧୬୫୫, ଖାତା ନଂ.: ୧୨୩୯/୨୬୧, ଜିଲ୍ଲା/ତହସିଲ: କେନ୍ଦ୍ରାପଡା, ମୌଜା: ପୁରୁଷୋତ୍ତମପୁର, ଏହାର ଚଉପାର୍ଶ୍ୱରେ- ଉତ୍ତର: ମଦନ ମୋହନ ମହାନ୍ତି, ଦକ୍ଷିଣ: ହତିଆ, ପୂର୍ବ: ବିକ୍ରେତା, ପଶ୍ଚିମ: ବାନାମ୍ବର ସେନ |
| ଋଣଗ୍ରହୀତା: ନିରଞ୍ଜନ ମଲ୍ଲିକ, ଜାମିନ୍‌ଦାର: ରବିନ୍ଦ୍ର ନାଥ ଲେଙ୍କା | ୩୧.୦୮.୨୦୧୭ ସୁଦ୍ଧା ଟ.୪,୯୮,୬୧୩/-* / ଋଣ ଆକା. ନଂ.: ୪୭୦୮୫୧୦୨୮ | ୨୬.୦୯.୨୦୧୭ | ୦୯.୦୬.୨୦୨୨ (ସାଙ୍କେତିକ ଦଖଲ) | ପ୍ଲଟ୍ ଯାହାର ଜମିର ଆପାତତଃ ପରିମିତ କ୍ଷେତ୍ର: ଏକର୦.୦୨୦ଡିସିମିଲି ସହିତ ସେଠାରେ ଥିବା ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ନିର୍ମାଣ, ମୌଜା: ବଉଳାଙ୍ଗ, ସ୍ଥିତିବାନ ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୬, କ୍ଷେତ୍ର: ଏକର୦.୦୧୫ଡିସିମିଲି, ଖାତା ନଂ.: ୨୦, ପ୍ଲଟ୍ ନଂ.: ୧୮୭, କ୍ଷେତ୍ର: ଏକର୦.୦୦୫ଡିସିମିଲି, ମୌଜା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର |

* ସହିତ ଋଣ ପରିଶୋଧ / କିମ୍ବା ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପରିବର୍ତ୍ତି ପ୍ରଜ୍ଜୁର୍ଯ୍ୟ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି।
ଯେହେତୁ ଉପରୋକ୍ତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)ଙ୍କୁ ସେମାନଙ୍କର ଦେୟ ପୈଠ କରିବାରେ ବିଫଳ ହେଲେ ସେହେତୁ ବିଶେଷ କରି ଉପର ବର୍ଣ୍ଣିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)ଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ-୮ ଅନୁସାରେ କ୍ଷମତା ପ୍ରୟୋଗ କରି ଏଚ୍‌ଡିଏଫ୍‌ସିର କ୍ଷମତାପ୍ରାପ୍ତ ଅଧିକାରୀ ଉପରବର୍ଣ୍ଣିତ ସ୍ଥାବର ସମ୍ପତ୍ତି/ସୁରକ୍ଷିତ ସମ୍ପତ୍ତିକୁ ଉପରେ ଦର୍ଶାଯାଇଥିବା ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)ଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ଉପରେ ଦର୍ଶାଯାଇଥିବା ବକେୟା ରାଶି ପାଇଁ ଏଚ୍‌ଡିଏଫ୍‌ସି ଲିମିଟେଡ୍ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ଦ୍ୱାରା ଋଣଗ୍ରହୀତା/ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ। ପ୍ରସ୍ତୁତ କରାଯାଇଥିବା ପଞ୍ଚନାମା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପଲବ୍ଧ ଏବଂ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)ଙ୍କୁ ଅନୁରୋଧ କି ସେମାନେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଏହାର ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ ପ୍ରାପ୍ତ କରିପାରିବେ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୧.୦୬.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଏଚ୍‌ଡିଏଫ୍‌ସି ଲିମିଟେଡ୍

ପଞ୍ଜିକୃତ କାର୍ଯ୍ୟାଳୟ: ରମନ ହାଉସ, ଏଚ୍.ଟି ପାରେଖ ମାର୍ଗ, ୧୬୯, ବ୍ୟାକ୍‌ବେ ରିକ୍ଲାମେସନ୍, ଚର୍ଚ୍ଚଗେଟ୍, ମୁମ୍ବାଇ-୪୦୦୦୨୦

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର



ମାଲକାନଗିରି,୧୨।୬(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ସିଦ୍ରିମାଲ ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ସେମାନେ ହେଲେ ପଡାଭଙ୍ଗା ଗ୍ରାମର ରୂପଧର ପୂଜାରୀ ଓ ଦୋରାଗୁଡା ଗ୍ରାମର ପଦଲାମ ଭୂମିଆ। ଉଭୟ ପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏହି ଦୁଇ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଉଭୟଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ସୀମା ସୁରକ୍ଷାବଳ କମାଣ୍ଡାଣ୍ଟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୧୨।୬(ଡି.ଏନ.ଏ.)- ମାଲକାନଗିରି ନାଗରିକ ସମାଜ ପକ୍ଷରୁ ମାଲକାନଗିରି ସଦର ଏମଭି-୩ସ୍ଥିତ ସୀମା ସୁରକ୍ଷା କାର୍ଯ୍ୟାଳୟଠାରେ କମାଣ୍ଡାଣ୍ଟ ତୀର୍ଥ ଆଚାର୍ଯ୍ୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ସୀମାସୁରକ୍ଷା ବଳ ଡିଆଇଜି ଶୈଳେନ୍ଦ୍ର ସିଂ ମୁଖ୍ୟଅତିଥି, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ହରିଶ ରୂପାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଡ.ରଞ୍ଜନ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ପଞ୍ଜାବର ଅବହର ଜଲାକୁ ବଦଳି ହୋଇଥିବା ବିଦାୟୀ କମାଣ୍ଡାଣ୍ଟ ଆଚାର୍ଯ୍ୟ ୨୦୧୮ରୁ ମାଲକାନଗିରି ଜିଲାରେ କାର୍ଯ୍ୟରତ ଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ, ପରୋପକାରୀ ବ୍ୟକ୍ତି ରୂପେ ପରିଚିତ ଥିଲେ। ଆଦିବାସୀ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ସର୍ବଦା ଉଦ୍ୟମ ଜାରି ରଖିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ମାଲକାନଗିରି ଜିଲାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସେ ଭାରତର ବିଭିନ୍ନ ସ୍ଥାନ ଯଥା ଗୁଆହାଟୀ, ଗୁଜରାଟ, ଆଗ୍ରା ଆଦି ବୁଲାଇବା ବ୍ୟବସ୍ଥା କରିଥିଲେ। ବୃକ୍ଷରୋପଣ, ସମାଜସେବା, ଗରିବ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର, କମ୍ବଳ ଆଦି ବିଭିନ୍ନ ସାମଗ୍ରୀ ବଣ୍ଟନ କରି ପ୍ରଶଂସାର ପାତ୍ର ହୋଇଥିଲେ।

### କୋରାପୁଟରେ କେନ୍ଦ୍ରମନ୍ତ୍ରୀ

କୋରାପୁଟ,୧୨।୬(ସ୍ୱ.ପ୍ର.)- ଜଳ ସମ୍ପଦ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶେଶ୍ୱର ଟୁଡୁ ରବିବାର କୋରାପୁଟ ଜିଲା ଗସ୍ତ କରିଛନ୍ତି । ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ନିଶାଣୀ ପଡିଆଠାରେ ଅନୁଷ୍ଠିତ ଗରିବ କଲ୍ୟାଣ ଜନସଭାରେ ସେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ କୋରାପୁଟ ଜିଲା ଅବହେଳିତ ହୋଇରହିଛି। କେନ୍ଦ୍ର ସରକାରଙ୍କ ଅନେକ ଯୋଜନା କୋରାପୁଟ ଜିଲ୍ଲା ପାଇଁ ଅପହଞ୍ଚ ହୋଇ ରହିଛି। ଗରିବ କଲ୍ୟାଣ ହେଉଛି ଜୀବନର ସୁଗମତା। ଏହା ପ୍ରତ୍ୟେକ ନାଗରିକଙ୍କ ଅଧିକାର ବୋଲି ପ୍ରକାଶ କରି ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଯଥା ଜନଧନ ଯୋଜନା, ଦିନ ଦୟାଲ ଅନ୍ତ୍ୟୋଦୟ ଯୋଜନା, ସୁକନ୍ୟା ସମୃଦ୍ଧି, ମୁଦ୍ରା ଯୋଜନା, ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଯୋଜନାକୁ ନିଜ ନାମରେ ନାମିତ କରି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଅଭିଯୋଗ କରି କେନ୍ଦ୍ର ସରକାରଙ୍କ ଯୋଜନା ଯେପରି ତୃଣମୂଳ ସ୍ତରରେ ପହଞ୍ଚିପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ଗୌତମ ସାମନ୍ତରାୟ, ଅବିଭକ୍ତ କୋରାପୁଟ ଜିଲା ପର୍ଯ୍ୟବେକ୍ଷକ କାଳିରାମ ମାଝୀ, ଆଇଟି କୋଅର୍ଡିନେଟର ବିଶ୍ୱ ତ୍ରିପାଠୀ, ଜୟରାମ ଗରଡ଼ା, ପୂର୍ଣ୍ଣମା ନାୟକ, ଜି.ସଞ୍ଜୀବ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୪ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ମଧ୍ୟରେ ରହୁନି ସମନ୍ୱୟ

ମାଲକାନଗିରି,୧୨।୬(ଡି.ଏନ୍.ଏ.)



ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି ।

**ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘର ଜିଲାସ୍ତରୀୟ ସମାବେଶ**

- କର୍ମଚାରୀଙ୍କ ଉପରେ ପଡୁଛି ଅଧିକ ଚାପ
- ୧୩୦ ବନରକ୍ଷୀ ପଦବୀରୁ ୫୭ ଖାଲି ପଡ଼ିଛି
- କର୍ମଚାରୀଙ୍କ କର୍ତ୍ତବ୍ୟ ନିଷ୍ଠାକୁ ପ୍ରଶଂସା କଲେ ଡିଏଫଓ

ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ମାଲକାନଗିରି ଜିଲା ଶାଖାର ଜିଲାସ୍ତରୀୟ ଅଧିବେଶନ ରବିବାର ସଦର ମହକୁମାସ୍ଥିତ ସଂସ୍କୃତିଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତପନ କୁମାର ଶାହା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମାଲକାନଗିରି ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲି, ମୁଖ୍ୟବକ୍ତା ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର, ସମ୍ମାନିତ ଅତିଥି ଭାବେ ସହକାରୀ ବନ ସଂରକ୍ଷକ କନ୍ଦନ ସିଂ, ରାଜ୍ୟ ଉପସଭାପତି ରବୀନ୍ଦ୍ର ପ୍ରଧାନ, ପୂର୍ବତନ ରାଜ୍ୟ ସଭାପତି ଦୁର୍ଯ୍ୟୋଧନ ପାତ୍ର, ରାଜ୍ୟ ଯୁଗ୍ମ ସଚିବ ସନ୍ତୋଷ ବିଶୋଇରତ୍ନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସରୋଜ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭାଗରେ କାର୍ଯ୍ୟ କରୁଥିବା ୪ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବା ସଂଘ ଅଭିଯୋଗ କରିଥିଲା।

ମାଲକାନଗିରି ଜିଲାରେ ସଂରକ୍ଷିତ ଜଙ୍ଗଲ ୩୫୨.୪୪ ସ୍କୋୟାର୍ କିଲୋମିଟର, ଚିହ୍ନଟ କରାଯାଇଥିବା ସୁରକ୍ଷିତ ଜଙ୍ଗଲ ୯୪୦.୬୧ ସ୍କୋୟାର କିଲୋମିଟର, ଅନ କ୍ଲାସିଫାଏଡ୍ ୦.୩୦ ସ୍କୋୟାର କିଲୋମିଟର, ରାଜସ୍ୱ ଅଧୀନରେ ଥିବା ଅନ୍ୟାନ୍ୟ ଜଙ୍ଗଲ ୧୪.୬୧ ସ୍କୋୟାର କିଲୋମିଟର, ଅଣବିଭାଜିତ ସୁରକ୍ଷା ବଳୟରେ ଥିବା ଜଙ୍ଗଲ ୬୬୧.୬୨ ସ୍କୋୟାର କିଲୋମିଟର, ରେକର୍ଡଭୁକ୍ତ ହୋଇ ନ ଥିବା ଜଙ୍ଗଲ ୮.୩୫ ସ୍କୋୟାର କିଲୋମିଟର ଥିବା ସମ୍ପାଦକ ସ୍ୱାଇଁ ବିବରଣୀରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନେଇ କର୍ମଚାରୀଙ୍କ ଅଭାବ ଥିବା କୁହାଯାଇଥିଲା। ଜିଲାରେ ୧୩୦ ଜଣ ବନରକ୍ଷୀଙ୍କ ମଧ୍ୟରୁ ୫୭ଟି ପଦବୀ ଖାଲି ପଡିଛି। ୪୦ ଜଣ ବନପାଳ ପଦବୀ ମଧ୍ୟରୁ ୮ଟି ଏବଂ ଗୋଟିଏ ସହକାରୀ ବନ ସଂରକ୍ଷକ ପଦବୀ ଖାଲି ରହିଛି। ଯେତିକି କର୍ମଚାରୀ ଅଛନ୍ତି ସେମାନଙ୍କୁ ନିଜ ଦାୟିତ୍ୱ ବ୍ୟତୀତ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ବାଧ କରାଯାଉଛି। ଏହି ଅବସରରେ ରାଜ୍ୟ ସଭାପତି ପାତ୍ର କହିଥିଲେ ଯେ, ବନବିଭାଗ ପ୍ରତି ରାଜ୍ୟ ସରକାରଙ୍କ ଖାମଖିଆଲ ନୀତି ଯୋଗୁ କର୍ମଚାରୀଙ୍କ ଉପରେ ଅଧିକ ଚାପ ପଡୁଛି। ପଦୋନ୍ନତି କ୍ଷେତ୍ରରେ ବନରକ୍ଷୀ, ବନପାଳ, ଉପବନାଞ୍ଚଳ ଅଧିକାରୀଙ୍କୁ ଅବହେଳା କରାଯାଉଛି। ଜଣେ କର୍ମଚାରୀ ତାଙ୍କ ଚାକିରି କାଳ ମଧ୍ୟରେ ଗୋଟିଏ ମଧ ପଦୋନ୍ନତି ପାଇପାରୁନାହାନ୍ତି। ରାଜ୍ୟରେ ୪ଜଣ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟ କରୁଥିଲେ ମଧ ସେମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ରହୁଛି ବୋଲି କହିଥିଲେ। ମୁଖ୍ୟଅତିଥି କତାପାଲି ମାଲକାନଗିରି ଜିଲାର ବନ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠାକୁ ପ୍ରଶଂସା କରିଥିଲେ। ତାଙ୍କ ଦ୍ୱାରା କର୍ମଚାରୀଙ୍କ ଯେଉଁ ଦାବି ସମାଧାନ ହୋଇପାରିବ ସେ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମକୁ ବନପାଳ ମୃତ୍ୟୁଞ୍ଜୟ ସେଠୀ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ଦୁଇବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ମୃତ୍ୟୁଞ୍ଜୟ ସେଠୀ ସଭାପତି, ଫକୀର ଚରଣ ମାହାଲି ଉପସଭାପତି, ଗନ୍ଧର୍ବ ପ୍ରଧାନ ସମ୍ପାଦକ, ଲଳିତା ହରିଜନ ସହସମ୍ପାଦକ, ଅନିତା କୁମାରୀ ନାୟକ ଯୁଗ୍ମ ସମ୍ପାଦକ, ଦୀପଙ୍କର ଶିଉଳି କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲେ। ନିର୍ବାଚନକୁ ଅନିରୁଦ୍ଧ ଚୌଧୁରୀ, ଶିବ ପ୍ରସାଦ ପାତ୍ର ପରିଚାଳନା କରିଥିଲେ।

# ସିରିଜ୍ ଦୁର୍ଘଟଣା: ଜଣେ ମୃତ, ୨ ଗୁରୁତର

ରାୟଗଡ଼ା ଅଫିସ/ଅମ୍ବାଦଳା, ୧୨।୬(ଡି.ଏନ୍.ଏ.)

**କ୍ଷତିପୂରଣ ଦାବି କଲେ ମୃତକଙ୍କ ପରିବାର, ଗ୍ରାମବାସୀ**

ରାୟଗଡ଼ା ଜିଲା ଅମ୍ବାଦଳା ବଜାରରେ ରବିବାର ସିରିଜ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଝିଗିଡ଼ି ଗ୍ରାମର ବାଇକ୍ ଆରୋହୀ ରଞ୍ଜନ ଭୋଇ। ସେହିପରି ଜହରଲାଲ ଭୋଇ ଏବଂ ନୂଆପଡ଼ା ଜିଲାର ରମେଶ ଚନ୍ଦ୍ର ମାଝି ଗୁରୁତର ହୋଇଛନ୍ତି।

ଘଟଣାରୁ ପ୍ରକାଶ, ରଞ୍ଜନ ଓ ଜହରଲାଲ ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ନୂଆପଡ଼ା ଯାଉଥିବା ରମେଶ ଏବଂ ତାଙ୍କ ସହଯୋଗୀଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ରଞ୍ଜନ ଚଳାଉଥିବା ବାଇକ୍ ଛିଟିକି ପଡ଼ିଥିଲା। ଏହି ସମୟରେ ବିପରୀତ ଦିଗରୁ ଅସୁଥିବା ଏକ ମାଲ ବୋଝେଇ ଟ୍ରକ୍ ରଞ୍ଜନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଅମ୍ବାଦଳା ଥାନା ପୋଲିସ ପହଞ୍ଚି ମୃତଦେହ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବା ସହ ଗୁରୁତର ଜହରଲାଲ ଏବଂ ରମେଶଙ୍କୁ ପ୍ରଥମେ ଅମ୍ବାଦଳା ଓ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ରମେଶଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

ଅନ୍ୟପକ୍ଷରେ ଦୁର୍ଘଟଣାକୁ ନେଇ ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ନିମନ୍ତେ ସେମାନେ ଦାବି କରିଛନ୍ତି। ଅମ୍ବାଦଳା ଥାନା ଆଇଆଇସି ଦାୟିତ୍ୱରେ ଥିବା ଭରତ କୁମାର ମାଝି ଏବଂ ପୋଲିସ ଟିମ୍ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି।

# ଚାପସିଲ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ ।

ସୁନାବେଡ଼ା,୧୨।୬(ସ୍ୱ.ପ୍ର.)

କୋରାପୁଟ ଜିଲା ପଦ୍ମପୁର ପଞ୍ଚାୟତର ଚାପସିଲ ଗ୍ରାମରେ ରେଡକ୍ରସ ସଦସ୍ୟଙ୍କ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନିୟର ରେଡକ୍ରସର ଜିଲା ସାଧନ କର୍ମୀ ଶାହେଦା ପରୱିନ, ଆଜୀବନ ସଦସ୍ୟ ଡ. ଉମାଶଙ୍କର ପ୍ରସାଦ ପାତ୍ର, ବିଜୟ ସାହୁ, ଚିନ୍ତାମଣି ପୃଷ୍ଟି, ସାମାଜିକ କର୍ମୀ ଗୋବିନ୍ଦ ବଲ୍ଲଭ ପାଢ଼ୀ, ଦୁର୍ଗା ପ୍ରସାଦ ପାତ୍ର, ଶାନ୍ତିଲତା ପାତ୍ର, ନବୀନ ଚୌଧୁରୀ, ଆଇନି ଶେଖ ପ୍ରମୁଖ ଯୋଗ ଦେଇ ଗ୍ରାମବାସୀଙ୍କୁ ରେଡକ୍ରସର ଆଭିମୁଖ୍ୟ, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା, ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଜାତୀୟ ରେଡକ୍ରସ ସୋସାଇଟି କୋରାପୁଟ ଜିଲା ଶାଖା ପକ୍ଷରୁ ଗ୍ରାମର ୪୦ଟି ଗରିବ ପରିବାରଙ୍କୁ ସ୍ୱଚ୍ଛତା କିଟ୍ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ରେଡକ୍ରସର ଆଜୀବନ ସଦସ୍ୟ ଶେଖ ଇବ୍ରାହିମ ସଞ୍ଚାଳନ କରିଥିଲେ। ଉକ୍ତ ଗ୍ରାମର ୱାର୍ଡ ମେମ୍ବର ଜୟନ୍ତୀ ବେନିୟା, କୁନୁ ବେନିୟା, ନବୀନ ଗୋଲାରିଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

# ଦେଶିଆ ନାଟଗୁରୁ ସାଂସ୍କୃତିକ ସଙ୍ଗଠନର ସମନ୍ୱୟ ବୈଠକ

ମାଲକାନଗିରି,୧୨।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଦେଶିଆ ନାଟଗୁରୁ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବୀରଲକ୍ଷ୍ମଣପୁର ଗ୍ରାମରେ ଅବିଭକ୍ତ କୋରାପୁଟ ଜିଲାର କଳାକାରଙ୍କୁ ନେଇ ରବିବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ବାଲାଜୀ ସାମନ୍ତରାୟ, ମୁଖ୍ୟବକ୍ତା ରୂପେ ଘେନୁ ମୁଦୁଲି, ସମ୍ମାନିତ ଅତିଥି ରୂପେ ଧନୁର୍ଜୟ ହନ୍ତାଳ, ଅନାଦି କଡ଼ା, ଧାନଫୁଲ ବାରିକ, ଦାମୋଦର କଡ଼ା, ଭୀମସେନ ଖୁଡୁପିଆ, ରାମଚନ୍ଦ୍ର ହନ୍ତାଳ, ଡମୁରୁ ପେର୍ମା, ବଳି ନାଟଗୁରୁ, ବିଶ୍ୱନାଥ ବାରିକ, ବଳରାମ ଡୁଙ୍ଗୁରି ପ୍ରମୁଖ ଯୋଗ ଦେଇ କଳାକାରଙ୍କ ବିଭିନ୍ନ ସମସ୍ୟା ଓ ଉନ୍ନତି ନେଇ ଆଲୋଚନା କରିଥିଲେ। କଳାକାର ମାନେ କିଭଳି ସରକାରୀ ସହାୟତା ପାଇବେ ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।


ଦେଶିଆ ନାଟଗୁରୁ ସାଂସ୍କୃତିକ ସଙ୍ଗଠନ ବୈଠକରେ ଉପସ୍ଥିତ କଳାକାରମାନେ।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଛତ୍ରପୁର,୧୨।୬(ଡି.ଏନ.ଏ)

ଚମାଖଣ୍ଡି ଥାନା ଅଧୀନ ଆଇଆର୍‌ଇ ଆବାସିକ କଲୋନୀ ସମ୍ମୁଖ ରାସ୍ତାରେ ରବିବାର ଲୁହା ବୋଝେଇ ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତ ଚନ୍ଦ୍ରପଦା ଗାଁର ଶଙ୍କର ପ୍ରଧାନ । ଶଙ୍କର ପୂର୍ବାହ୍ନରେ ବାଇକ୍ (ଓଆର୍‌୦୭ପି ୭୯୨୪) ଯୋଗେ ଆଇଆରଇ ଆବାସିକ କଲୋନୀ ଗେଟ୍‌ରୁ ବାହାରି ମୁଖ୍ୟରାସ୍ତାକୁ ଆସୁଥିଲେ। ଏହି ସମୟରେ କାଳିଆବାଲିରୁ ଦ୍ରୁତଗତିରେ ଆସୁଥିବା ଲୁହା ବୋଝେଇ ଟ୍ରକ୍ (ଓଡି୦୭ ଜେ ୦୯୨୬) ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଶଙ୍କର ତଳେ ପଡି ଗୁରୁତର ହୋଇଥିଲେ। ତାଙ୍କୁ ଆଇଆର୍‌ଇ ଆମ୍ବୁଲାନ୍ସରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଟ୍ରକ ଚାଳକଙ୍କ ବେପରୁଆ ଗାଡି ଚାଳନାରୁ ବାପାଙ୍କ ମୃତ୍ୟୁ ଘଟିଥିବା ନେଇ ଶଙ୍କରଙ୍କ ପୁଅ ଚିତ୍ତରଞ୍ଜନ ପ୍ରଧାନ ଚମାଖଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଟ୍ରକକୁ ଜବତ କରିବା ସହ ତଦନ୍ତ ଚଳାଇଛି।

# ଶିଶୁ ସୁରକ୍ଷା କ୍ଷେତ୍ରରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଛତ୍ରପୁର,୧୨।୬(ଡି.ଏନ.ଏ)

ଶିଶୁ ସୁରକ୍ଷା କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଗଣମାଧ୍ୟମର ଗୁରୁ ଦାୟିତ୍ୱ ମଧ ରହିଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପାଠାଗାରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କହିଛନ୍ତି। ରବିବାର ଭାଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କର୍ମଶାଳାରେ ଡିଆଇପିଆରଓ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଶୁ ନିର୍ଯାତନା ସମ୍ବନ୍ଧୀୟ ଖବର ପରିବେଷଣ ବେଳେ ସତର୍କତା ସହ ନିୟମ ପାଳନ କରିବାକୁ ଉପସ୍ଥିତ ଛତ୍ରପୁରର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ, ଗଞ୍ଜାମକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲ ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ସଦସ୍ୟା ତଥା ଓକିଲ ସିଏଚ୍.ଜ୍ୟୋତି ଯୋଗଦେଇ ଶିଶୁ ଶ୍ରମିକ ଭଳି କୁପ୍ରଥା ବନ୍ଦ ପାଇଁ କମିଟି ବିଭିନ୍ନ ପଦକ୍ଷେପ ନେବା ସହ କାଉନସେଲିଂ କରୁଛି ବୋଲି କହିଥିଲେ। ଭାଇ ଅନୁଷ୍ଠାନର ଦେବାନନ୍ଦ ମହନ୍ତ କର୍ମଶାଳାର ଉଦ୍ଦେଶ୍ୟ ଏବଂ ଶିଶୁ ସୁରକ୍ଷା ସମ୍ପର୍କୀୟ ବିଭିନ୍ନ ଦିଗ ଉପରେ ଆଲୋପାତ କରିଥିଲେ । ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର କୁମାର ପଣ୍ଡା ତାଙ୍କ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା ସାମାଜିକ କର୍ମୀ ଅରୁଣ କୁମାର ଶତପଥୀ ତାଙ୍କ ବକ୍ତବ୍ୟରେ ଶିଶୁ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନ୍ ଓ ତାର କାର୍ଯ୍ୟକାରୀ ସମ୍ପର୍କରେ ଆଲେଚନା କରି ଗଣମାଧ୍ୟମ ପ୍ରତିନିଧିଙ୍କୁ ଏଥିପ୍ରତି ସହଯୋଗ ପାଇଁ କହିଥିଲେ। ଶେଷରେ ଛତ୍ରପୁର ପ୍ରେସ କ୍ଲବର ସମ୍ପାଦକ ସନ୍ତୋଷ କୁମାର ପାଢୀ ଧନ୍ୟବାଦ ଦେଇଥିଲେ ।

# ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ

ଗୁଣପୁର,୧୨।୬(ଡି.ଏନ୍.ଏ.)

**ଗୃହ ନିର୍ମାଣ ସମବାୟ ସମିତି ଲିଃ ସଭ୍ୟାସଭ୍ୟ ନିର୍ବାଚନ**

ରାୟଗଡା ଜିଲା ଗୁଣପୁର ଗୃହ ନିର୍ମାଣ ସମବାୟ ସମିତି ଲିଃ ପରିଚାଳନା ପରିଷଦର ୧୫ ଆସନ ପାଇଁ ୨୬ରେ ହେବାକୁ ଥିବା ନିର୍ବାଚନ ନିମନ୍ତେ ଦାଖଲ ହୋଇଥିବା ନାମାଙ୍କନ ମଧ୍ୟରୁ ଗୋଟିଏ ନାକଚ ହୋଇଯାଇଛି। ପୂର୍ବରୁ ୮ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଥିଲେ। ଏବେ ଆଉ ଜଣେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଅଛନ୍ତ। ନିର୍ବାଚନ ଲାଗି ୫ ତାରିଖରେ ୨୦ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ପ୍ରାର୍ଥୀପତ୍ର ଯାଞ୍ଚ ପରେ ରବିବାର କାଏମ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ ପାଇଥିଲା। ଜଣେ ପ୍ରାର୍ଥୀ ତଥା ବୃନ୍ଦାବନ ସେନାପତିଙ୍କ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟାରେ ତ୍ରୁଟି ଯୋଗୁ ତାଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଥିବା ନିର୍ବାଚନ ଅଧିକାରୀ ଏସ୍. ଶ୍ରୀନିବାସ ରାଓ ସୂଚନା ଦେଇଛନ୍ତି। ୧୫ଟି ନିର୍ବାଚନ ମଣ୍ଡଳୀରୁ ଗୋଟିଏରେ କୌଣସି ପ୍ରାର୍ଥୀପତ୍ର ଦାଖଲ ହୋଇ ନ ଥିଲା। ୧୪ଟି ନିର୍ବାଚନ ମଣ୍ଡଳୀ ପାଇଁ ୨୦ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ଏବେ ୯ଜଣ ପ୍ରାର୍ଥୀ ଅପ୍ରତୀଦ୍ୱନ୍ଦ୍ୱୀ ଅଛନ୍ତି। ୧୩ ତାରିଖ ଅର୍ଥାତ ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ। ୧୪ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୬ରେ ନିର୍ବାଚନ ସହ ଭୋଟ ଗଣତି ଏବଂ ଫଳାଫଳ ଘୋଷଣା ହେବ।

# କଳିଙ୍ଗା ଘାଟିରେ ଟ୍ରକ ଦୁର୍ଘଟଣାଗ୍ରସ୍ତ

ଭଞ୍ଜନଗର, ୧୨।୬(ଡି.ଏନ.ଏ)

ଗଞ୍ଜାମ–କନ୍ଧମାଳ ଜିଲା ସୀମା ଦୁର୍ଗାପ୍ରସାଦଠାରେ କଳିଙ୍ଗା ଘାଟିରେ ରବିବାର ଆନ୍ଧ୍ରପ୍ରଦେଶର ଏକ ମାଲ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ଚାଳକ ଓ ହେଲପର ରକ୍ଷା ପାଇଯାଇଛନ୍ତି। କଳିଙ୍ଗା ଘାଟି ରାସ୍ତା ଚଉଡ଼ା ହୋଇଥିଲେ ମଧ୍ୟ ରାସ୍ତାରେ କିଛି ବୈଷୟିକ ତ୍ରୁଟି ଥିବା ନଚେତ ଚାଳକ ସଚେତନ ହେଉ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି । କିଛିଦିନ ପୂର୍ବେ ପଶ୍ଚିମବଙ୍ଗର ଏକ ଟୁରିଷ୍ଟ ବସ୍ କଳିଙ୍ଗା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ସେ ସମୟରେ ରାଜ୍ୟ ସରକାର ଅନ୍ୟ ରାଜ୍ୟରୁ ଆସୁଥିବା ଗାଡ଼ିଗୁଡ଼ିକ କଳିଙ୍ଗା ଘାଟି ବଦଳରେ ଦଶପଲ୍ଲା ରାସ୍ତା ଦେଇ ଭଞ୍ଜନଗର ଯିବାକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ଉକ୍ତ ନିର୍ଦ୍ଦେଶନାମା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଅନୁମାନ କରାଯାଉଛି ।

# କୋଟିଆ ଆଦିବାସୀ ସମାଜର ପ୍ରତିଷ୍ଠା ଦିବସ

ଚିତ୍ରକୋଣ୍ଡା,୧୨।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଉପାନ୍ତ ବଡପଡା ପଞ୍ଚାୟତ ପଳାସପଦର ଗ୍ରାମରେ କୋଟିଆ ଆଦିବାସୀ ବିକାଶ ପରିଷଦ ପକ୍ଷରୁ କୋଟିଆ ଆଦିବାସୀ ସମାଜର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କମିଟି କାର୍ଯ୍ୟକାଳ ତିନି ବର୍ଷ ପୂରଣ ହୋଇସାରିଥିବାରୁ ସଭାପତି ଚୟନ ଲାଗି ନିଷ୍ପତ୍ତି ହୋଇଥିଲା। ସଭାପତି ଭାବେ ଟିବୁରାମ ତାଙ୍ଗୁଲୁ ଡାଳବନ୍ଧୁ ପାଙ୍ଗୀଙ୍କ ନାମ ପ୍ରସ୍ତାବ ଦେଇଥିଲେ। ସାମ୍ବିଧାନିକ ନିୟମ ଅନୁଯାୟୀ କମିଟି ପୁନର୍ଗଠନ କରାଯାଉ ବୋଲି ତାଙ୍ଗୁଲ କହିଥିଲେ । ତାଙ୍ଗୁଲଙ୍କ ପ୍ରସ୍ତାବକୁ ଅନୁମୋଦନ କରି ନୂତନ ସଭାପତି ରୂପେ ଡାଳବନ୍ଧୁ ପାଙ୍ଗୀଙ୍କ ନାମ ଘୋଷଣା କରାଯାଇଥିଲା। ପରେ ଡାଳବନ୍ଧୁ ପୂର୍ବତନ ସଭାପତି ତାଙ୍ଗୁଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ।


କୋଟିଆ ଆଦିବାସୀ ସମାଜ ପ୍ରତିଷ୍ଠା ଦିବସ ଅବସରରେ ଏକାଠି ହୋଇଥିବା ଆଦିବାସୀମାନେ।

# 'ସାହିତ୍ୟର କୌଣସି ସୀମା ନାହିଁ'

ଦାମନଯୋଡି,୧୨।୬(ଡି.ଏନ.ଏ.)–



ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ଜାତୀୟସ୍ତରର ସାହିତ୍ୟ ମହୋତ୍ସବ ଉଦ୍‌ଯାପିତ**

ଆଜାଦି କା ଅମୃତ ମହୋତ୍ସବ ଅବସରରେ ଦାମନଯୋଡିରେ ଚାଲିଥିବା ଦୁଇ ଦିନିଆ ସାହିତ୍ୟ ମହୋତ୍ସବ 'ଇଙ୍କ ଡିଉ ନ୍ୟାଶନାଲ ଲିଟ ଫେଷ୍ଟ' ରବିବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ସହଯୋଗରେ ହୋଇଥିବା ଏହି ସାହିତ୍ୟ ମହୋତ୍ସବରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଯଥା ନେପାଳ,ବାଲାଂଦେଶ, ୟୁଏଇରୁ ବିଭିନ୍ନ ଭାଷାଭାଷୀର ସାହିତ୍ୟିକମାନେ ଯୋଗ ଦେଇଥିଲେ। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶିଲ ପାଢୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଭୂଦାନ କର୍ମୀ କୃଷ୍ଣ ସିଂହ, ନାଲକୋ ସମୂହ ମହାପ୍ରବନ୍ଧକ ପ୍ରମୋଦ ବେହେରା, ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ମଣିପ୍ରସାଦ ସାମଲ ଓ ଇଙ୍କ ଡିଉର ମୁଖ୍ୟ ଉପଦେଷ୍ଟା ବୁଲୁ ହୋତା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ 'ପ୍ରତ୍ୟେକ ବ୍ୟକ୍ତି ହିଁ କବି', ଭାରତୀୟ ସାହିତ୍ୟରେ ମହିଳାଙ୍କ ଭୂମିକା','ମେରି କବିତାଏଁ','ସାହିତ୍ୟର କୌଣସି ସୀମା ନାହିଁ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ସାନ୍ଧ୍ୟ ଅଧିବେଶନରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ଇଙ୍କ ଡିଉର ପ୍ରତିଷ୍ଠାତା ଡ. ମନୋଜ କିଶୋର ନାୟକ ବିବରଣୀ ପାଠ କରିଥିଲେ। ପିଲାଙ୍କର ସାହିତ୍ୟ ପ୍ରତି ଅନୁରକ୍ତି ବୃଦ୍ଧି ଲାଗି ସେମାନଙ୍କ ମଧ୍ୟରେ ବକ୍ତୃତା ଓ କବିତା ପାଠ ପ୍ରତିଯୋଗିତା ହୋଇଥିଲା। ନବରଙ୍ଗପୁରର ସାଇ କେୟାର ଏଜୁକେସନ ଛାତ୍ରୀଛାତ୍ର ଲୋକ ନୃତ୍ୟ ପରିବେଷଣ କରିଥିଲେ। ରାତିରେ ବିଭିନ୍ନ ଜନଜାତି ଭାଷାର ୧୨ଟି ମୂଳ କବିତା ଓ ଏହାର ଇଂରାଜୀ ଭାଷାନ୍ତର କବିତା ଆବୃତ୍ତି ହୋଇଥିଲା।

ଦ୍ୱିତୀୟ ଦିବସରେ 'ଆଧୁନିକ ଯୁଗରେ ଜନଜାତି ସାହିତ୍ୟର ପ୍ରଭାବ', 'କଳାକାରଙ୍କ ପରୀକ୍ଷାଗାର' ଶୀର୍ଷକ ଆଲୋଚନା କରାଯାଇ ବହୁଭାଷୀ କବିତା ଆସର ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ନେପାଳର ଡ. ଭୀଷ୍ମ ଉପ୍ରେତି, ଓଡ଼ିଶାର ସୁଶୀଲ ଗୋଛାୟତ,ଅଶୋକ ପଟ୍ଟନାୟକ, ଦିଲ୍ଲୀର ଡ. କବିତା ସିଂହପ୍ରଭା, ବିହାରର ଖୁସବୁ କୁମାରୀ, କେରଳର ଡ. ସିଗମା ସତୀଶ ପ୍ରମୁଖ ସଂଯୋଜକ ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ଆଲୋଚନାଚକ୍ରରେ ୟୁଏଇର ଶିବଦାସ ସ୍ୱାମୀ ମାଟାମ, ବାଲାଂଦେଶର ଆସାଦ ମାନାନ, ମୁହୁବା ଅହମ୍ମଦ ମୁର୍ସେଦ ଓ ନାହିଦା ଅସରଫି, କଲକୋତାର ଗୌତମ ଗହୋରାଏ, ଝାଡଖଣ୍ଡର ମସ୍ତାକ ଅହମ୍ମଦ, ବିହାରର ଜବା ମୁର୍ମୁ ଓ ପୁନମ ନିଗମ ସହାୟ, ଅନନ୍ତ ଦିଶ ଅମନ, ଆନ୍ଧ୍ରର କେ. ସାଇ ପ୍ରକାଶ, ବାଙ୍ଗାଲୋରର ବସନ୍ତ ପାରେଲା,ଛତିଶଗଡର ଉର୍ମିଳା ଆଚାର୍ଯ୍ୟ, ଆସାମର ମିଲୋଜା ବସୁମାତାର, ମହାରାଷ୍ଟ୍ରର ଜୟଶ୍ରୀ ମୋହନଚାରି, କର୍ଣ୍ଣାଟକର ରେଶମା ରମେଶ,ତେଲେଙ୍ଗାନାର ଏସ ପଦ୍ମାବତୀ, ଓଡ଼ିଶାର ଅଜିତ ପାତ୍ର, ଦେଶୀ ନାୟକ,ସବିତା ସାହୁ,ଡ.ଏଡିଥ ଲୁନା ପଣ୍ଡା,ମୁକୁନ୍ଦ ଶତପଥୀ, ସୁନାବେଡାର ସମୀର ମହାପାତ୍ର, ଦାମନଯୋଡିର ଡ ପ୍ରଦୀପ ପାଇଯୋଶୀ,ନବରଙ୍ଗପୁରର ହର ପ୍ରସାଦ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ୨ ବଳଦ ମୃତ

ଟିକିରି,୧୨।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଶଙ୍କରଡ଼ା ପଞ୍ଚାୟତ ପୋଣଷପଦର ଗ୍ରାମରେ ରବିବାର ବଜ୍ରପାତରେ ୨ ବଳଦଙ୍କ ମୃତ୍ୟୁ ଘଟିଛି। ଦୁଇ ବଳଦ ଗାଁର ଖଗ କୁମ୍ଭାର ଓ ମୁକୁନ୍ଦି କୁମ୍ଭାରଙ୍କର ବୋଲି ଜଣାପଡ଼ିଛି। ଅପରାହ୍ନ ୩ଟାରେ ଗାଁ ନିକଟ ପଡ଼ିଆରେ ଦୁଇ ବଳଦ ଚରୁଥିବାବେଳେ ପ୍ରବଳ ବର୍ଷା ହେବାରୁ ଗାଁ ଦିଗକୁ ଦୌଡ଼ି ଯାଉଥିଲେ। ଏହି ସମୟରେ ବଜ୍ରପାତ ଯୋଗୁ ଘଟଣାସ୍ଥଳରେ ଉଭୟ ବଳଦଙ୍କ ମୃତ୍ୟୁ ଘଟିଥିଲା। ଚାଷ ସମୟରେ ଦୁଇ ବଦଳଙ୍କ ମୃତ୍ୟୁ ଘଟିଥିବାରୁ ଖଗ ଏବଂ ମୁକୁନ୍ଦଙ୍କୁ ସରକାରୀ କ୍ଷତିପୂରଣ ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ଅବକାରୀ ଚଢ଼ାଉ, ୨ ଗିରଫ

ରାୟଗଡ଼ା ଅଫିସ,୧୨।୬- ଅବକାରୀ କମିଶନର ଏବଂ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ଅବକାରୀ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ ଚାଲିଛି। ଗୁଣପୁର ପୋଲିସ ଏବଂ ରାୟଗଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିଭିନ୍ନ ସ୍ଥାନରୁ ୩୨୫ ଲିଟର ଦେଶୀମଦ ଜବତ କରାଯାଇଛି। ସେହିପରି ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ନଷ୍ଟ କରାଯାଇଛି। ଏହି ଘଟଣାରେ ୬ ଟି ମାମଲା ରୁଜୁ କରାଯିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କରାଯାଇଥିବା ରାୟଗଡ଼ା ଅବକାରୀ ଏସ୍‌ପି ଅଭିରାମ ବେହେରା କହିଛନ୍ତି।

### ରାମକୃଷ୍ଣ ମିଶନ ପକ୍ଷରୁ ଶ୍ରମିକ, ବ୍ୟବସାୟୀଙ୍କୁ ସହାୟତା

ମୁନିଗୁଡ଼ା,୧୨।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲା ହାଟ ମୁନିଗୁଡ଼ା ସ୍ଥିତ ରାମକୃଷ୍ଣ ମିଶନ ଆଶ୍ରମ ପକ୍ଷରୁ ସହଯୋଗ ଅନୁଷ୍ଠାନ 'ନଭି ମୁମ୍ବାଇ' ସହାୟତାରେ ଏକ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶ୍ରମ ନିକଟସ୍ଥ ବନ୍ଧଗୁଡ଼ା, ତାଳିଆକୁଜି ଓ ସାନ ଧାଣ୍ଡରା ଗାଁର ୫୪ ଗରିବ ରାସ୍ତାପାର୍ଶ୍ୱ ବ୍ୟବସାୟୀ ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କୁ ଛତା ପ୍ରଦାନ କରାଯାଇଛି। ପ୍ରଚଣ୍ଡ ଖରା ଏବଂ ଆଗକୁ ବର୍ଷା ସମୟରେ ଏହା ସହାୟକ ହେବ ବୋଲି ଆଶ୍ରମ ପକ୍ଷରୁ କୁହାଯାଇଛି।

### ସୁଶାସନ, ଗରିବ କଲ୍ୟାଣ ଜନସମ୍ପର୍କ

ନବରଙ୍ଗପୁର,୧୨।୬(ବି.ପ୍ର.)- ଭାଜପା ସେବା, ସୁଶାସନ ଓ ଗରିବ କଲ୍ୟାଣ ଜନ ସମ୍ପର୍କ ଯାତ୍ରା ମେ ୩୧ରୁ ଜୁନ ୧୬ ତାରିଖ ପର୍ଯ୍ୟନ୍ତ ପାଳନ କରୁଛି। ଏହି କ୍ରମରେ ରବିବାର ନନ୍ଦାହାଣ୍ଡି ପଞ୍ଚାୟତ ସମିତିର ଚିଲିଗୁଡା ଆମ୍ବତୋଟାରେ ଗ୍ରାମାଞ୍ଚଳ ଗରିବ କଲ୍ୟାଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନନ୍ଦାହାଣ୍ଡି ମଣ୍ଡଳ ଭାଜପା ସଭାପତି ଅରୁଣ ପ୍ରସାଦ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝୀ, ଜିଲା ଉପସଭାପତି ସୁରେନ୍ଦ୍ର ବିଷୋୟୀ, ସନାତନ ତ୍ରିପାଠୀ, ଜିଲା ମିଡିଆ ସଂଯୋଜକ ଦେବଦାସ ମହାଙ୍କୁଡ, ନଗର ମଣ୍ଡଳ ସଭାପତି ପିଣ୍ଟୁ ମିଶ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶର୍ମିଷ୍ଠା ଦେଓ, ଫୁଲମା ଭତରା, ବୃନ୍ଦାବନ ନାୟକ, ଅକ୍ଷୟ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଯୋଜନା କିପରି ଲୋକମାନଙ୍କ ପାଖରେ ପହଞ୍ଚିବ ସେ ନେଇ ଆଲୋଚନା ହୋଇଥିଲା। ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଭାଜପାରେ ମିଶିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ନାୟକ, ହରେକୃଷ୍ଣ ମୁଦୁଲି, ନନ୍ଦନ ବିଷୋୟୀ, ଧରଣୀ ସିଂ, ଧନେଶ୍ୱର ଭତରା, ମନକୁରାମ ଭତରା, ରିନା ବେହେରା, ଲକ୍ଷ୍ମଣ ନାୟକଙ୍କ ସମେତ ବହୁସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ। ରାମଚନ୍ଦ୍ର ବିଷୋୟୀ ମଞ୍ଚ ପରିଚାଳନା କରିଥିଲେ। ଅରୁଣ ପ୍ରସାଦ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# 'ଅନ୍ୟାୟ, ଅବହେଳା ବନ୍ଦ ନ ହେଲେ ଆନ୍ଦୋଳନ ହେବ'

ଟିକିରି, ୧୨।୬(ଡି.ଏନ୍.ଏ.)



ବୈଠକରେ ସାମିଲ ହୋଇଥିବା ବିଏମ୍‌ଏସ୍ ସଦସ୍ୟ, ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ।

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନର କାଶୀପୁର ବ୍ଲକ ସମ୍ପାଦିକ ଗୌରୀ ପଣ୍ଡା ଏବଂ କୋଷାଧ୍ୟକ୍ଷ ବିଷ୍ଣୁପ୍ରିୟା ଧଳଙ୍କ ନେତୃତ୍ୱରେ କାଶୀପୁରସ୍ଥିତ ହାଟପଦାରେ ବ୍ଲକସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ତଥା ବିଏମ୍‌ଏସ୍ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ମୁଖ୍ୟ ଅତିଥି, ବିଏମ୍‌ଏସ୍ ଜିଲା ଉପସଭାପତି ମୋହନ ରାଓ ମାଝି, ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ, ଜିଲା ସମ୍ପାଦିକା ଉଷାରାଣୀ ଦାଶ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ ସାହୁ, ପରମାନନ୍ଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

ବୈଠକ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରମିକ ଗୀତ ଗାନ କରି ପ୍ରାଣ ହରାଇଥିବା ଅଙ୍ଗନୱାଡି କର୍ମୀ ମମତା ବିଶି, ସୁବାସିନୀ ବାଗ୍ ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସରକାରଙ୍କ ଯୋଜନାକୁ ସଫଳ କରିବାରେ ଅଙ୍ଗନୱାଡି କର୍ମୀମାନେ ମୁଖ୍ୟ ଭୂମିକା ନେଉଛନ୍ତି। ଶିଶୁ ମାତୃ ମୃତ୍ୟୁ ହାର କମାଇବାରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ, ତଥାପି ଅଙ୍ଗନୱାଡି କର୍ମୀଙ୍କୁ ଅଣଦେଖା କରାଯାଉଛି ବୋଲି ଅତିଥିମାନେ କହିଛନ୍ତି। ସରକାରଙ୍କ ଓଜନ ସପ୍ତାହ କାର୍ଯ୍ୟକ୍ରମ କରିବା ଦ୍ୱାରା କର୍ମୀମାନେ ବିଭ୍ରାନ୍ତ ହେଉଥିବାରୁ ସେହି କାର୍ଯ୍ୟକ୍ରମକୁ ମୋବାଇଲ ମାଧ୍ୟମରେ ବନ୍ଦ କରି ତାହାକୁ ଖାତାପତ୍ରରେ କରିବା ପାଇଁ ସରକାରଙ୍କ ନିକଟରେ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ୨ଥର ଘୋଷଣା କରିଥିଲେ ବି ଏପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ ଛୁଟି ମିଳିଲା ନାହିଁ। ଅଙ୍ଗନୱାଡ଼ି କର୍ମୀଙ୍କୁ ୨୦୨୦ ମସିହାର ୭ ମାସର ଦରମା ମିଳିନି, କର୍ମୀମାନଙ୍କ ଦରମା ବିଭାଜିତ ହୋଇ ମିଳୁଥିବାରୁ ତାହାକୁ ଦୃଢ଼ ବିରୋଧ କରାଯାଇଥିଲା। ଅଙ୍ଗନୱାଡି କର୍ମୀଙ୍କ ପ୍ରତି ହେଉଥିବା ଅନ୍ୟାୟ ଅବହେଳା ବନ୍ଦ ନ ହେଲେ ବିଏମ୍‌ଏସ୍ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଯୋଗେଶ୍ୱର ଦାସ ଚେତାବନୀ ଦେଇଛନ୍ତି। ଉକ୍ତ ବୈଠକରେ ବ୍ଲକର ସମସ୍ତ ଅଙ୍ଗନୱାଡି, ମିନି ଅଙ୍ଗନୱାଡି ଏବଂ ସହାୟିକା ଯୋଗ ଦେଇଥିଲେ। ଧରିତ୍ରୀ ରାଉଳ ଧନ୍ୟବାଦ ଦେଇଥିବା ବେଳେ ସୌଦାମିନୀ ମହାପାତ୍ର, ନିରୁପମା ପାଣିଗ୍ରାହୀ, ବୈଦେହୀଶ ବେହେରା, ଚନ୍ଦ୍ରିକା ଝଡିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ବୈଠକ**

- ଅଙ୍ଗନୱାଡି କର୍ମୀଙ୍କୁ ଅଣଦେଖା କରୁଛନ୍ତି ସରକାର
- ଠିକ୍ ସମୟରେ ଅଙ୍ଗନୱାଡି କର୍ମୀଙ୍କୁ ଦରମା ମିଳୁ ନ ଥିବା ଅଭିଯୋଗ

# ଜିଆଇଇଟିରେ ଗଣିତ ବିଭାଗର ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଗୁଣପୁର,୧୨।୬(ଡି.ଏନ୍.ଏ.)

ଗୁଣପୁର ସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ଗଣିତ ବିଭାଗ ପକ୍ଷରୁ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅନ୍‌ଲାଇନ୍‌ରେ ହୋଇଥିବା କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ନାଇଜର ଅନୁଷ୍ଠାନର ଗଣିତ ବିଭାଗ ମୁଖ୍ୟ ପ୍ରଫେସର ବୃନ୍ଦାବନ ସାହୁ, ସମ୍ମାନିତ ଅତିଥି ରୂପେ ଚେନ୍ନାଇ ସ୍ଥିତ ଭେଲୋର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲଜିର ପ୍ରଫେସର ବାଲାମୁର୍ଗନ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ପ୍ରଫେସର ସ୍ମୃତିରଞ୍ଜନ ମହାପାତ୍ର, ହିଞ୍ଜିଳିକାଟୁ ବିଜ୍ଞାନ ସ୍ୱୟଂଶାସିତ ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ସରିତା ଚୌଧୁରି ପ୍ରମୁଖ ଯୋଗଦେଇ ଗଣିତ ପାଠ୍ୟକ୍ରମ ଭିତ୍ତିକ ଗବେଷଣାର ବିଭିନ୍ନ ଦିଗ ବିଷୟରେ ନିଜ ମତ ରଖିବା ସହ ଏହିଭଳି ସମ୍ମିଳନୀ ଛାତ୍ରୀଛାତ୍ରଙ୍କ ପାଠପଢା ସହ ଗବେଷଣା ପାଇଁ ସହାୟକ ହେବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଗୌତମ ଘୋଷ, ରେଜିଷ୍ଟ୍ରାର ଏନ୍.ଭି.ଜେ. ରାଓ, ପରୀକ୍ଷା ନିରୀକ୍ଷକ ପି. ବିଜୟ କୁମାର, ସ୍କୁଲ ଅଫ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ୍ ବିଭାଗର ମୁଖ୍ୟ ଦିଲୀପ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀର ଆବାହକ ତଥା ଗଣିତ ବିଭାଗର ମୁଖ୍ୟ ବିପ୍ଳବ କୁମାର ରଥ ସମ୍ମିଳନୀ ନେଇ ସୂଚନା ଦେଇଥିଲେ। ଛାତ୍ରୀ ମୋନିକା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଏନ୍. ଜଗନ୍ନାଥମ ଧନ୍ୟବାଦ ଦେଇଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଛତ୍ରବଟ ଶ୍ମଶାନରେ ଲାଗିବ ୨ ହଜାର ଚାରା

ନବରଙ୍ଗପୁର, ୧୨।୬(ବି.ପ୍ର.)



ଜିଲାପାଳଙ୍କ ସହ ୱାର୍ଡ ସଭ୍ୟ ଅମିତ୍ ପ୍ରଧାନ ଓ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ।

ନବରଙ୍ଗପୁର ସହରର ୧୬ ନମ୍ବର ୱାର୍ଡ ସଭ୍ୟ ଅମିତ୍ ପ୍ରଧାନ ନିଜସ୍ୱ ଚେଷ୍ଟାରେ ନବରଙ୍ଗପୁର ସହର ମଧ୍ୟସ୍ଥଳରେ ଥିବା ଛତ୍ରବଟ ଶ୍ମଶାନ ସଫା କରିଛନ୍ତି। ରବିବାର ପୂର୍ବାହ୍ନ ୧୦ଟାରେ ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କୁ ସାକ୍ଷାତ କରି ଆଗାମୀ ବନମହୋତ୍ସବ ସପ୍ତାହ ଅବସରରେ ଶ୍ମଶାନରେ ପ୍ରାୟ ଦୁଇ ହଜାର ଚାରା ରୋପଣ କରିବା ପାଇଁ ଅନୁରୋଧ କରିଥିଲେ। ଜୁଲାଇ ୩ ତାରିଖରେ ଚାରା ରୋପଣ କରିବା ପାଇଁ ଜିଲାପାଳ ସହମତି ପ୍ରକାଶ କରିବା ସହିତ ସହରର ସମସ୍ତ ସାମାଜିକ କର୍ମୀ, ବୁଦ୍ଧିଜୀବୀ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମରେ ସାମିଲ କରିବାକୁ କହିଥିଲେ। ଏହି ସାକ୍ଷାତ ଏବଂ ଆଲୋଚନା ସମୟରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଉପସ୍ଥିତ ଥିଲେ।

# ରେଗୁଲାର କରା ନ ଗଲେ ଆନ୍ଦୋଳନ ଚେତାବନୀ

ପାପଡାହାଣ୍ଡି,୧୨।୬(ଡି.ଏନ୍.ଏ.)

- ରେଗୁଲାରରୁ ବଞ୍ଚିତ ଗଣଶିକ୍ଷକ
- ୭ ହଜାର ଟଙ୍କାରେ ପରିବାର ଚଳାଇବା ହେଉଛି କଷ୍ଟକର

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଶହୀଦ ମିନାରରେ ରବିବାର ଜିଲାର ରେଗୁଲାରରୁ ବଞ୍ଚିତ ଗଣଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପଦେଷ୍ଟା ଉମେଶ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଜିଲାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ରେଗୁଲାରରୁ ବଞ୍ଚିତ ଗଣଶିକ୍ଷକ ଯୋଗ ଦେଇଥିଲେ। ଗଣଶିକ୍ଷକମାନଙ୍କୁ ଦୀର୍ଘ ଦିନ ଧରି ରେଗୁଲାର କରାଯାଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଦୀର୍ଘ ୧୪ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରାୟ ଚାରି ହଜାର ଶିକ୍ଷକ ମାସିକ ଦରମା ୭ ହଜାର ଟଙ୍କା ଦରମାରେ କାମ କରୁଛନ୍ତି। ସେତିକି ଟଙ୍କାରେ ବର୍ତ୍ତମାନ ସମୟରେ ପରିବାର ଚଳାଇବା ସମ୍ଭବ ନୁହେଁ। ବାରମ୍ବାର ପ୍ରଶାସନକୁ ଅବଗତ କରିବା ସତ୍ତ୍ୱେ କେହି କିଛି ପଦକ୍ଷେପ ନେଉ ନ ଥିବା ଶିକ୍ଷକମାନେ କହିଛନ୍ତି। ପ୍ରଶାସନ ତରଫରୁ ସେମାନଙ୍କୁ ରେଗୁଲାର କରା ନ ଗଲେ ଆଗାମୀ ଦିନରେ ଶିକ୍ଷକମାନେ ନବରଙ୍ଗପୁରରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।



ଶହୀଦ ମୀନାରରେ ବସିଥିବା ଗଣ ଶିକ୍ଷକମାନେ।

# ଜିଲା କଂଗ୍ରେସର ସଂକଳ୍ପ ଶିବିର

ମାଲକାନଗିରି,୧୨।୬ (ଡି.ଏନ୍.ଏ.)

ଟାଉନହଲଠାରେ ରବିବାର ଜିଲା କଂଗ୍ରେସର ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୋବିନ୍ଦ ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଭୁଜବଳ ମାଝି ଯୋଗ ଦେଇଥିଲେ। ଅବିଭକ୍ତ କୋରାପୁଟ ଜିଲା ହେଉଛି କଂଗ୍ରେସର ଗଡ଼। ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳବାସୀ କଂଗ୍ରେସକୁ ବିଶ୍ୱାସ କରି ଆସିଛନ୍ତି। ଆଗାମୀ ଦିନରେ କଂଗ୍ରେସ ଯେପରି ତା'ର ପୂର୍ବ ସ୍ଥିତି ଫେରି ପାଇବ ସେନେଇ ତୃଣମୂଳ ସ୍ତରରେ ସଂଗଠନକୁ ଆହୁରି ମଜଭୁତ କରିବାକୁ ପାତ୍ର କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କଂଗ୍ରେସ ସମର୍ଥିତ ଜିଲାର ୧୮ଜଣ ସରପଞ୍ଚ ଓ ୨୨ଜଣ ସମିତିସଭ୍ୟ କାଲିମେଲା ଉପାଧ୍ୟକ୍ଷ, ଆଦିବାସୀ ନେତା ଶରତ ବୁରୁଦା, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଇଶାକ ଖୋସଲା, ଛାତ୍ର କଂଗ୍ରେସ ସଭାପତି ସନ୍ତୋଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୭ଟି ବ୍ଲକର ସଭାପତିଙ୍କ ସହ ମାଲା ମାଢ଼ି, ଜି. ଶ୍ରୀନିବାସ ରାଓ. ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳ, ମହିଳା କଂଗ୍ରେସ ସଭାନେତ୍ରୀ ପୁଷ୍ପାରାଣୀ କବାସୀ, ଅନୁସୂଚିତ ଜାତି ଓ ଜନଜାତି ସଭାପତି ଇର୍ମା ପଡିଆମି ପ୍ରମୁଖ ଉପସ୍ଥିତ ଥିଲେ। ବିନାୟକ ପାତ୍ର ଧନ୍ୟବାଦ ଦେଇଥିଲେ।

# ଲଛନାଗୁଡାରେ ଅବକାରୀ ଚଢାଉ

ଜୟପୁର, ୧୨।୬ (ନି.ପ୍ର.)

ଲଛନାଗୁଡାରେ ରବିବାର ଅବକାରୀ ଚଢାଉ ହୋଇଛି। ଲକ୍ଷାଧିକ ଟଙ୍କାର ମଦ ଓ ପୋଚକୁ ବିଭାଗୀୟ କର୍ମଚାରୀମାନେ ଜବତ କରି ନଷ୍ଟ କରଛନ୍ତି। କୋରାପୁଟ ଏପିଆର ଫୋର୍ସ ଓ ଜୟପୁର ଅବକାରୀ ବିଭାଗ ଏହି ଚଢାଉ କରିଥିଲା। ଏହି ସମୟରେ ବିଭାଗ ମଦ ଭାଟି ଭାଙ୍ଗିବା ସହ ୪ ହଜାର ୭ ଶହ ଲିଟର ପୋଚ ଓ ୨ଶହ ଲିଟର ଦେଶୀ ମଦ ଜବତ କରଥିଲା। ଚଢାଉରେ ଅବକାରି ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ସାମିଲ ହୋଇଥିଲେ।

# ଏଟିଏମ୍‌ରୁ ୫୫ ହଜାର ଟଙ୍କା, କାର୍ଡ ଚୋରି

ଗୁଣପୁର,୧୨।୬(ଡି.ଏନ୍.ଏ.)




ସିସିଟିଭିରେ କଏଦ ହୋଇଥିବା ଟଙ୍କା ନେବା ସମୟର ଦୃଶ୍ୟ ।

ରାୟଗଡ଼ା ଜିଲା ଗୁଣପୁର ସହର ବିକ୍ରମପୁର ସ୍ଥିତ ଏସ୍‌ବିଆଇର ଏକ ଏଟିଏମ୍‌ରୁ ଜଣେ ବ୍ୟକ୍ତିଙ୍କ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗରୁ ଜଣାଯାଏ, ବିକ୍ରମପୁର ଅଞ୍ଚଳର ଜି. ଉପେନ୍ଦ୍ର ୫୫ ହଜାର ଟଙ୍କା ଧରି ଏଟିଏମ୍‌ରେ ଜମା କରିବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ମୋବାଇଲକୁ ଏକ କଲ୍ ଆସିବାରୁ ଅନ୍ୟମନସ୍କ ହୋଇ ଏଟିଏମ୍ ଉପରେ ଟଙ୍କା ଏବଂ ଏଟିଏମ୍ କାର୍ଡ ରଖି କଥା ହେବାକୁ ବାହାରକୁ ଆସିଯାଇଥିଲେ। ପରବର୍ତ୍ତି ସମୟରେ ସେ ସେଠାରେ ଟଙ୍କା ନ ଥିବା ଜାଣି ଉପେନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟ ଜଣେ ବ୍ୟକ୍ତି ଉକ୍ତ ଟଙ୍କା ନେଇ ଚାଲିଯାଇଥିବା ଏଟିଏମ୍‌ରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ ସମୟରେ ଜଣାପଡ଼ିଛି। ଉପେନ୍ଦ୍ର ବାହାରକୁ ଚାଲିଯିବା ପରେ ସମ୍ପୃକ୍ତ ବ୍ୟକ୍ତି ଏଟିଏମ୍‌କୁ ଆସିଥିଲେ। ନିଜେ ଟଙ୍କା ଉଠାଇବା ସହ ଏଟିଏମ୍ ଉପରେ ପୂର୍ବରୁ ଥିବା ଟଙ୍କା ଏବଂ ଏଟିଏମ୍ କାର୍ଡ ମଧ୍ୟ ନେଇଯାଇଥିବା ଫୁଟେଜରୁ ସ୍ପଷ୍ଟ ହୋଇଛି। ପୋଲିସ ଏହି

- ଅନ୍ୟମନସ୍କରେ ଛାଡ଼ି ଚାଲିଯାଇଥିଲେ ଯୁବକ
- ସିସିଟିଭିରେ ଚୋରି ଦୃଶ୍ୟ କଏଦ

# ୫ ବାଲି ଟ୍ରାକ୍ଟରରୁ ୨୫ ହଜାର ଜରିମାନା ଆଦାୟ



ଉମରକୋଟ, ୧୨।୬(ସ୍ୱ.ପ୍ର.)

ବିନା ରୟାଲିଟିରେ ବାଲି ଆଣୁଥିବା ଅଭିଯୋଗରେ ଉମରକୋଟ ରାଜସ୍ୱ ବିଭାଗ ୫ଟି ଟ୍ରାକ୍ଟର ଜବତ କରିବା ସହ ସେମାନଙ୍କଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଉମରକୋଟ ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ, ଉମରକୋଟ ରାଜସ୍ୱ ନିରୀକ୍ଷକ ଶିବାନନ୍ଦ ରାଉତ ଓ ଉମରକୋଟ ପୋଲିସ୍ ଫୋର୍ସ ଡିଏନ୍‌କେ ଛକରେ ଅପେକ୍ଷା କରିଥିଲେ। ଧୋଡ୍ରା ପଟୁ ଆସୁଥିବା ୫ଟି ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ରୟାଲିଟି କାଗଜ ଯାଞ୍ଚ କରିଥିଲେ। କିନ୍ତୁ ଟ୍ରାକ୍ଟରଗୁଡ଼ିକ ବୈଧ କାଗଜ ନ ଦେଖାଇ ପାରିବାରୁ ପ୍ରତ୍ୟେକ ଟ୍ରାକ୍ଟର ଉପରେ ତହସିଲଦାର ୫୦୦୦ ଲେଖାଏ ଜରିମାନା ପକାଇଥିଲେ। ପରେ ଟ୍ରାକ୍ଟର ମାଲିକ ଜରିମାନା ଟଙ୍କା ପୈଠ କରି ଟ୍ରାକ୍ଟରଗୁଡ଼ିକ ନେଇ ଯାଇଥିଲେ।

# ବିଲ୍ଟ ସେବା ୱାର୍କର୍ସ ୟୁନିୟନର ବାର୍ଷିକ ଅଧିବେଶନ

ଜୟପୁର,୧୨।୬ (ନି.ପ୍ର.)

ଜୟପୁର ଟାଉନହଲଠାରେ ଭାରତୀୟ ମଜଦୁର ସଂଘ ସମ୍ବନ୍ଧିତ ୟୁନାଇଟେଡ଼ ବିଲ୍ଟ ସେବା ୱାର୍କସ ୟୁନିୟନର ବାର୍ଷିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିୟନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। କେ. ତ୍ରିପତି ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ସୁଧାଂଶୁ ପାଢ଼ୀ, ମୁଖ୍ୟବକ୍ତା ରୂପେ ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ରୂପେ ଜିଲା ବିଏମସି ସମ୍ପାଦକ ଏ. ଭିମାରାଓ, ଜିଲା ବିଏମସି ଅଧ୍ୟକ୍ଷ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପାଢ଼ୀ ଭାରତୀୟ ମଜଦୁର ସଂଘର ସ୍ଥାପନା ଏବଂ କାର୍ଯ୍ୟକ୍ଷମ ସମ୍ପର୍କରେ ଏବଂ ମୁଖ୍ୟବକ୍ତା ଷଡ଼ଙ୍ଗୀ ଭାରତୀୟ ମଜଦୁର ସଂଘର ନୀତି ଆଦର୍ଶ ଉପରେ ମାର୍ଗଦର୍ଶନ କରିଥିଲେ।

# ବେଆଇନ ବସ୍ ଷ୍ଟପ ନିର୍ମାଣକୁ ଭାଙ୍ଗିଲା ବନ ବିଭାଗ

ପାପଡାହାଣ୍ଡି,୧୨।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଧାମଣାପଦର ଛକରେ ଥିବା ସଂରକ୍ଷିତ ଜଙ୍ଗଲରେ ବେଆଇନ ବସ ଷ୍ଟପ ନିର୍ମାଣକୁ ରବିବାର ବନ ବିଭାଗ ଭାଙ୍ଗିଦେଇଛି। ବନ ବିଭାଗ ଅଜାଣତରେ ଠିକାଦାର ଛକରେ ଥିବା ସଂରକ୍ଷିତ ଜଙ୍ଗଲ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲୁ କରିଦେଇଥିଲେ। ଏ ନେଇ ବନ ବିଭାଗ ଜାଣିବା ପରେ ପାପଡାହାଣ୍ଡି ଫରେଷ୍ଟର ଲକ୍ଷ୍ମୀ ପ୍ରସାଦ ବିଷୋୟୀଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ବସ୍ ଷ୍ଟପ ନିର୍ମାଣ କାମକୁ ଭାଙ୍ଗି ଦେଇଥିଲା। ସୂଚନା ମୁତାବକ ପଞ୍ଚାୟତ ପକ୍ଷରୁ ବସ ଷ୍ଟପ ନିର୍ମାଣ ଲାଗି ୨ଲକ୍ଷ ଟଙ୍କାର ଫାଇଲ ଖୋଲା ଯାଇଛି। ତହସିଲଦାରଙ୍କଠାରେ ସ୍କେଚ ମ୍ୟାପ ଲାଗି ଆବେଦନ କରାଯାଇଥିବା ପିଇଓ ସଞ୍ଜୟ ମହାକୁଡ଼ କହିଛନ୍ତି । ତେବେ ଠିକାଦାର ଜଣକ ତରବରିଆ ଭାବେ ଜାଗା ନ ଜାଣି ନିର୍ମାଣ କାମ କରିଥିବା ସୂଚନା ମିଳିଛି।




ବନ ବିଭାଗ ନିର୍ମାଣ କାମ ଭାଙ୍ଗୁଛି।

# ୧୦୮ ଆମ୍ବୁଲାନ୍ସର ଅପବ୍ୟବହାର କରୁଛନ୍ତି ଲୋକେ

ପଦ୍ମପୁର,୧୨।୬(ଡି.ଏନ୍.ଏ.)

ଦୁର୍ଘଟଣା କିମ୍ବା କୌଣସି ରୋଗରେ ଗୁରୁତର ଥିବା ବ୍ୟକ୍ତିଙ୍କୁ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇ ଜୀବନ ରକ୍ଷା କରିବା ଉଦ୍ଦେଶ୍ୟରେ ସରକାର ୧୦୮ ଆମ୍ବୁଲାନ୍ସ ସେବା ଯୋଗାଇଛନ୍ତି। ତେବେ ଅନେକ ଲୋକ ଏହାର ଅପବ୍ୟବହାର କରୁଥିବା ଖବର ବାରମ୍ବାର ସାମ୍ନାକୁ ଆସୁଛି। ଶନିବାର ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ବାଇକ୍‌ରୁ ପଡ଼ି ସାମାନ୍ୟ ଆହତ ହୋଇଥିବା ଜଣେ ବ୍ୟକ୍ତି ଶନିବାର ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ସାମାନ୍ୟ ଆହତ ହୋଇଥିବାରୁ ଦାୟିତ୍ୱରେ ଥିବା ସର୍ଜରୀ ବିଭାଗ ପ୍ରଫେସର୍ ରାମକୃଷ୍ଣ ଧଳ ତାଙ୍କର ଚିକିତ୍ସା କରିବା ସହ ଔଷଧ ଲେଖିଦେଇ ଘରକୁ ଯିବାକୁ ପରାମର୍ଶ ଦେଇଥିଲେ। ହେଲେ ବ୍ୟକ୍ତି ଜଣଙ୍କ ନିଜ ଘର ଗୁଣପୁରକୁ ଯିବା ପାଇଁ ମିଛ କଥା କହି ଆମ୍ବୁଲାନ୍ସକୁ ଡାକିଥିଲେ। ପଦ୍ମପୁର ଅଞ୍ଚଳରେ ସେତେବେଳେ ଆମ୍ବୁଲାନ୍ସ ଉପଲବ୍ଧ ନ ଥିଲା। ଡାକ୍ତର ଗୁଣପୁରକୁ ରେଫର କରିଥିବା କହି ଡାକିବାରୁ ୨୦ କି.ମି. ଦୂର ରାମନାଗୁଡ଼ା ବ୍ଲକରୁ ଆମ୍ବୁଲାନ୍ସ ଆସି ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲା। ଏହା ଜାଣିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଧଳ ଆହତ ବ୍ୟକ୍ତିଙ୍କୁ ତାଗିଦ କରିବା ସହ ଆମ୍ବୁଲାନ୍ସକୁ ପଠାଇ ଦେଇଥିଲେ। କିଛି ସମୟ ପରେ ଆହତ ବ୍ୟକ୍ତି ପରିବାର ଲୋକଙ୍କୁ ଡାକି ବାଇକ୍‌ରେ ଗୁଣପୁର ଯାଇଥିଲେ।

କିଛି ଲୋକଙ୍କ ଆମ୍ବୁଲାନ୍ସର ଅପବ୍ୟବହାର ଯୋଗୁ ଅନେକ ସମୟରେ ଜରୁରୀସେବା ଉଦ୍ଦେଶ୍ୟରେ ଥିବା ୧୦୮ ଆମ୍ବୁଲାନ୍ସ ଗୁରୁତରଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏଭଳି ଅଯଥାରେ ଆମ୍ବୁଲାନ୍ସର ଅପବ୍ୟବହାର ନ କରିବାକୁ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।



ଆହତ ବ୍ୟକ୍ତି ଘରକୁ ଯିବାକୁ ଆମ୍ବୁଲାନ୍ସରେ ବସିଛନ୍ତି ।

**ଅନାବଶ୍ୟକରେ ଡକାଯାଇଥିବା ଗାଡ଼ି ଫେରାଇଲେ ପ୍ରଫେସର**

